RNI No.ODIODI/2010/33031
୧୭ ବର୍ଷ Volume-17
ISSUE -224 ସଂଖ୍ୟା-୨୨୪
ଭୁବନେଶ୍ୱର, ସୋମବାର ୨୩ ନଭେମ୍ବର ୨୦୨୬
Bhubaneswar, Monday 23 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଓଡ଼ିଶା ସମୁଦ୍ର ଉପକୂଳରେ ସ୍ଥାପନ ହେବ ସ୍ୱୟଂଚାଳିତ ବେଳାଭୂମି ନିରୀକ୍ଷଣ ବ୍ୟବସ୍ଥା

ଭୁବନେଶ୍ୱର, ୨୨।୧୧(ନି.ପ୍ର.): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ



ଓଡ଼ିଶାର ସମୁଦ୍ର ଉପକୂଳରେ ସ୍ଥାପନ ହେବ 'ଭିଡ଼ିଓ କ୍ୟାମେରା-ଆଧାରିତ ସ୍ୱୟଂଚାଳିତ ବେଳାଭୂମି ନିରୀକ୍ଷଣ ବ୍ୟବସ୍ଥା' । ଏହା ସହିତ ଜାତୀୟ ମହାସାଗର ସୂଚନା କେନ୍ଦ୍ର ଏକ ଆଞ୍ଚଳିକ କେନ୍ଦ୍ର ମଧ୍ୟ ଓଡ଼ିଶାରେ ପ୍ରତିଷ୍ଠା ହେବ ।ଏହି ବ୍ୟବସ୍ଥା ପାଣିପାଗ ସମ୍ବଳିତ ସଠିକ୍ ତଥ୍ୟ ପ୍ରଦାନ କରିବା ସହିତ ସାମୁଦ୍ରିକ ବିପର୍ଯ୍ୟୟର ପୂର୍ବାନୁମାନ ଏବଂ ପୂର୍ବସଂକେତ ପ୍ରଦାନ କରିବ । ସାମୁଦ୍ରିକ ଗବେଷଣା କ୍ଷେତ୍ର ପାଇଁ ମଧ୍ୟ ଏହା ଖୁବ୍ ସହାୟକ ହେବ । ଏଥି ନିମନ୍ତେ ଖୁବ୍ ଶୀଘ୍ର ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ ଅଧୀନସ୍ଥ ଇନ୍‌କୋଇସ୍ ଏବଂ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର ହେବାକୁ ଯାଉଛି ।

ଭୁବନେଶ୍ୱରରେ ନିର୍ମାଣ ହେବ ବହୁତଳ ବିଶିଷ୍ଟ ରାଜସ୍ୱଭବନ

ଭୁବନେଶ୍ୱର, ୨୨।୧୧(ନି.ପ୍ର.): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଏକ ବହୁତଳ ବିଶିଷ୍ଟ ରାଜସ୍ୱ ଭବନ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ଭୁବନେଶ୍ୱରରେ ଏକ ୯ ମହଲା ବିଶିଷ୍ଟ ରାଜସ୍ୱ ଭବନ ନିର୍ମାଣ ହେବ । ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ସହିତ ନିର୍ମିତ ଏହି ଭବନର ୯ ମହଲା ତଳେ ୨ଟି ବେସମେଣ୍ଟ ଓ ଗୋଟିଏ ଗ୍ରାଉଣ୍ଡଫ୍‌ଲୋର ରହିବ । ଏଥିପାଇଁ ସମୁଦାୟ ୩୪୭.୮୬ କୋଟି ଟଙ୍କା ଖର୍ଚ୍ଚ ହେବ ।ଏହି ଭବନରେ ଗୋଟିଏ ସ୍ଥାନରେ ରାଜସ୍ୱ ବିଭାଗର ସମସ୍ତ ପ୍ରଶାସନିକ ବ୍ୟବସ୍ଥା ରହିବା ଦ୍ୱାରା ଏହା ମାଧ୍ୟମରେ ରାଜସ୍ୱ ବ୍ୟବସ୍ଥାର ସୁପରଚାଳନା ଏବଂ ରାଜସ୍ୱ ଆଦାୟ ପ୍ରକ୍ରିୟା ସହଜ ଓ ସୁବ୍ୟବସ୍ଥିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି ।

ଡାହୁକ



ପ୍ରଶାସନ ଯଦି ନଘୋଡେଇ ଘଣ୍ଟ
ଧରି ଦୁର୍ନୀତିଆ ଡଣ୍ଡି
ଗୋଛିକୁ ଦିଅନ୍ତୁ କାଟି
ଦୁର୍ନୀତିତ ଦୂରେ ଦୁର୍ନୀତି କରିବା
ଭାବିଲେ ଯାଆନ୍ତୁ ପାଟି

-ବିଧୁ



ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ବରିଷ୍ଠ ନେତୃବୃନ୍ଦ ବିଧାନସଭା ପରିସରରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

ଆଜିଠୁ ଓଡ଼ିଶାରେ ଆରମ୍ଭ ହେବ ଘରୋଇ ଯାତ୍ରା ସର୍ବେକ୍ଷଣ

ଭୁବନେଶ୍ୱର, ୨୧।୧୧(ନି.ପ୍ର.): ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ଗତିଶୀଳ ଓଡିଶା' ଅଭିଯାନ ଅଧୀନରେ ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ ଆର୍ଥିକ ଅଞ୍ଚଳ (ବିକେପିପିଇଆର) ପାଇଁ ସମନ୍ୱିତ ଆଞ୍ଚଳିକ ଗମନାଗମନ ଯୋଜନା ପ୍ରସ୍ତୁତି ନିମନ୍ତେ ଆସନ୍ତା ନଭେମ୍ବର ୨୩, ୨୦୨୬ରୁ ଏକ ବ୍ୟାପକ ଘରୋଇ ଯାତ୍ରା ସର୍ବେକ୍ଷଣ ଆରମ୍ଭ କରାଯିବ ।ଏହି ସର୍ବେକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଞ୍ଚଳବାସୀଙ୍କ ନୈନନ୍ଦିନ ଯାତାୟାତର ଆବଶ୍ୟକତା, ଯାତ୍ରାର ଧାରା ଏବଂ ଗମନାଗମନ ସମ୍ପର୍କିତ ସମସ୍ୟାଗୁଡ଼ିକୁ ବୁଝିବା । ଏଥିରୁ ମିଳିବାକୁ ଥିବା ତଥ୍ୟ ଆଧାରରେ ଏକ ସମନ୍ୱିତ, ଦକ୍ଷ, ସୁଲଭ ଓ ନାଗରିକକୈନ୍ଦ୍ରିକ ଆଞ୍ଚଳିକ ପରିବହନ ବ୍ୟବସ୍ଥା ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯିବ । ଏହା ମାଧ୍ୟମରେ ପ୍ରମୁଖ ସହରାଞ୍ଚଳ ଓ ଉଦୀୟମାନ ଆର୍ଥିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ନିରବଚ୍ଛିନ୍ନ ଯୋଗାଯୋଗ ସୁନିଶ୍ଚିତ କରିବା ଲକ୍ଷ୍ୟ ରହିଛି ।

ସର୍ବେକ୍ଷଣରେ ଲୋକମାନେ ଯାତାୟାତ ପାଇଁ କେଉଁ ପରିବହନ ମାଧ୍ୟମକୁ ପସନ୍ଦ କରୁଛନ୍ତି, ଯାତ୍ରାରେ କେତେ ସମୟ ଲାଗୁଛି, ଯାତାୟାତରେ କେତେ ଖର୍ଚ୍ଚ ହେଉଛି, କେତେଥର ଯାତ୍ରା କରୁଛନ୍ତି, କେଉଁଠାରେ ଯୋଗାଯୋଗ ବ୍ୟବସ୍ଥାର ଅଭାବ ରହିଛି ଏବଂ ନୈନନ୍ଦିନ ଯାତ୍ରା ସମୟରେ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ । ଏଥିସହ ସାର୍ବଜନୀନ ପରିବହନ ସେବା, ସଡ଼କ ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆବଶ୍ୟକ ପରିବହନ ଭିତ୍ତିଭୂମିର ଉନ୍ନତି ପାଇଁ ନାଗରିକମାନେ ନିଜର ମତାମତ ଓ ପରାମର୍ଶ ଦେବାର ସୁଯୋଗ ପାଇବେ ।

ଏହି ପଦକ୍ଷେପରେ ଜନସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ କରି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, "ଯାତାୟାତ କେବଳ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ନୁହେଁ; ଏହା ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା ଓ ବିଭିନ୍ନ ସୁଯୋଗ ସହ ଯୋଡ଼ିବା ସହିତ ଉନ୍ନତ ଜୀବନଧାରଣର ମାର୍ଗ ପ୍ରଶସ୍ତ କରିଥାଏ । 'ଗତିଶୀଳ ଓଡିଶା' ଅଭିଯାନ ମାଧ୍ୟମରେ ଆମେ ଏକ ସମନ୍ୱିତ, ସୁଗମ, ସୁଲଭ ଏବଂ ନାଗରିକଙ୍କ ଆବଶ୍ୟକତା ଅନୁରୂପ ପରିବହନ ବ୍ୟବସ୍ଥା ଗଢ଼ିବାକୁ ପ୍ରୟାସ କରୁଛୁ ।

ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ନକଲି ଗୁମାସ୍ତାଙ୍କ ରାଜ୍

ପୁରୀ, ୨୨।୧୧(ନି.ପ୍ର.): ପୁଣି ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ନକଲି ଗୁମାସ୍ତାଙ୍କ ରାଜ୍ । ଏଥର ୧୦୦ କି ୫୦୦ ନୁହେଁ, ସହଜରେ ଦର୍ଶନ କରାଇବା କଥା କହି ୧୩ ହଜାର ଟଙ୍କା ନେଇ ଫେରାର ହୋଇଯାଇଛନ୍ତି ଜଣେ ନକଲି ଗୁମାସ୍ତା । ଜଣେ ମହିଳା ଶ୍ରଦ୍ଧାଳୁ ଆଣିଛନ୍ତି ଏହି ସାଂଘାତିକ ଅଭିଯୋଗ ।

ମୁରାରି ବାପୁଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆମେରିକାରୁ ଆସିଥିବା ୧୩ ଜଣ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ପହଞ୍ଚିଥିଲେ ।ସେଠାରେ ନକଲି ଗୁମାସ୍ତା ଜଣଙ୍କ ସହଜରେ ଦର୍ଶନ କରାଇଦେବେ କହି ଜଣଙ୍କ ପିଛା ୧୦୦୦ ଟଙ୍କା ହିସାବରେ ୧୩ ଜଣଙ୍କ ଠାରୁ ୧୩୦୦୦ ଟଙ୍କା ନେଇଥିଲେ । କିନ୍ତୁ ଟଙ୍କା ନେବା ପରେ ସେ ସେଠାରୁ ଗାୟବ ହୋଇଯାଇଥିଲେ ବୋଲି ଅଭିଯୋଗ ହୋଇଛି ।

ସମ୍ଭୁକ ନକଲି ଗୁମାସ୍ତାଙ୍କୁ କିଛି ଲୋକ ଅଟକ ରଖିଥିବା ଖବର ଆସିଥିଲା । ସେ ନକଲି ଗୁମାସ୍ତା ସାଜି ୧୩୦୦୦ ଟଙ୍କା ନେଇଥିବା ସନ୍ଦେହ କରାଯାଉଛି । ତେବେ ସେ ସେଠାରୁ କୁଆଡ଼ ଚାଲିଯାଇଥିବା ନେଇ ଚର୍ଚ୍ଚା ହେଉଛି ।ପଅୁକ ଯୋଗୁ ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମୁଥିବା ବେଳେ ସହଜରେ ଦର୍ଶନ କରାଇ ଦେବାକୁ କହି ନକଲି ଗୁମାସ୍ତାମାନେ ଭକ୍ତଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି । ଫଳରେ ଏହା ପୁଲିସର ବ୍ୟବସ୍ଥା ଉପରେ



ପ୍ରଶ୍ନବାଚୀ ସୃଷ୍ଟି କରିଛି । କିଛି ଦିନ ପୂର୍ବରୁ ସିଂହଦ୍ୱାର ଥାନା ପୁଲିସ ୯ ଜଣ ନକଲି ଗୁମାସ୍ତାଙ୍କୁ ଗିରଫ କରିଥିବା ବେଳେ ଆଜି ଆଉ ଜଣେ ନକଲି ଗୁମାସ୍ତା ଭକ୍ତଙ୍କ ଠାରୁ ୧୩ ହଜାର ଟଙ୍କା ହଡ଼ପ କରିବା ଘଟଣା ସବୁ ସୀମା ପାର କରିଛି । ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସମ୍ପୃକ୍ତ ନକଲି ଗୁମାସ୍ତା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

ଗିରଫ ହେଲେ ପୂର୍ବତନ ପିଇଓ,କନିଷ୍ଠଯନ୍ତ୍ରୀ ଓ ଠିକାଦାର

କବିସୂର୍ଯ୍ୟନଗର....ଦୀର୍ଘ ୪ ବର୍ଷ ପରେ ପଦାକୁ ଆସିଲା ଷ୍ଟ୍ରିଟ୍ ଲାଇଟ୍ କେଲେଙ୍କାରୀ ।ଫସିଲେ ପୂର୍ବତନ ପିଇଓ,କନିଷ୍ଠଯନ୍ତ୍ରୀ ଓ ଠିକାଦାର ।୧୨୨ଟିଷ୍ଟ୍ରିଟ ଲାଇଟ୍ ଲଗାଇବାକୁ ସ୍ଥିର ହୋଇଥିବା ବେଳେ ମାତ୍ର ୨୦ଟି ଷ୍ଟ୍ରିଟ୍ ଲାଇଟ୍ ଲଗାଇ ଭିଜିଲାନ୍ସ ହାତରେ ଏବେ ଧରା ପଡ଼ିଛନ୍ତି।କବିସୂର୍ଯ୍ୟନଗର ବ୍ଲକ ବଳିଆସରା ଗ୍ରାମ ପଂଚାୟତରେ ଜିଲରେ ଲୁଟିଥିଲେ ଅନୁଦାନ ।ବୁଝୁଥିବା ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଥିବା କର୍ମଚାରୀ ମାନେ ହେଲେ ଗଂଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଅଧୀନସ୍ଥ ବଳିଆସରା ଗ୍ରାମଅଞ୍ଚଳର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ରାମା ରାଓ, କବିସୂର୍ଯ୍ୟନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ସବ୍ୟସାଚୀ ଗନ୍ତାୟତ ଏବଂ ପୁଷ୍ପୋତ୍ତମପୁର ଅଞ୍ଚଳର ମା ତାରାତରିଣୀ ଇଲେକ୍ଟ୍ରିକାଲ ଠିକା ସଂସ୍ଥାର ମାଲିକ କୃଷ୍ଣଚନ୍ଦ୍ର ବେହେରା ।ଏମାନେ ଷ୍ଟ୍ରିଟ ଲାଇଟ୍ ଲଗାଇବା ନାଁରେ ୭,୨୪,୯୫୯ ଟଙ୍କାର ସରକାରୀ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି ।ଷ୍ଟ୍ରିଟ ଲାଇଟ ଲଗାଇବା ଦୁର୍ନୀତି ନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ କେଶ ନଂ ୧୪/୨୦୨୬ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳିଥିଲା । ତଦନ୍ତରେ ଜଣାପଡ଼ିଥିଲା ଯେ, ୨୦୨୨-୨୦୨୨ ମସିହାରେ ବଳିଆସରା ପଂଚାୟତର ୫ ଟି ଗ୍ରାମ ଯଥା ବଳିଆସରା,ଖଣ୍ଡମାରା, ସିନ୍ଦୁରିଆପଡା,ଚଢ଼ିଆପଡା,ସଦାବର୍ତ୍ତ ନୁଆଁଗାଁ ରେ ୧୨୨ଟି ଷ୍ଟ୍ରିଟ ଲାଇଟ ଲଗାଇବା ବଦଳରେ ମାତ୍ର ୨୦ଟି ଷ୍ଟ୍ରିଟ୍ ଲାଇଟ ଲଗାଇ ଥିଲେ । ଅର୍ଥାତ ୧୦୨ଟି ଷ୍ଟ୍ରିଟ ଲାଇଟ ଲଗା ଯାଇ ନଥିଲା । ତେବେ ଚତୁରତାର ସହିତ ଏହି ତିନି ଜଣ ୭,୭୫,୯୩୯ ଟଙ୍କାର ବିଲ୍ କରିଥିଲେ । ଆର୍ଥିକ ବର୍ଷ ୨୦୨୧-୨୨ରେ ଶ୍ରୀ ବେହେରାଙ୍କ ନାମରେ ଏହି ବିଲ୍ ହୋଇଥିଲା । ତେବେ ୧୦୨ଟିଷ୍ଟ୍ରିଟ ଲାଇଟ ପାଇଁ ବଳକା ୬,୮୩,୪୬୫ ଟଙ୍କା ଥିଲା । ତେବେ ରକ୍ଷଣାବେକ୍ଷଣ ପାଇଁ ପରେ ଜେ ରାମା ରାଓଙ୍କ ନାମରେ ୯୭,୫୦୦ ଟଙ୍କା ଜମା କରାଯାଇଥିଲା । ତେବେ ଯାଞ୍ଚ ସମୟରେ ଜଣାପଡ଼ିଲା ଯେ, ରକ୍ଷଣାବେକ୍ଷଣ ପାଇଁ ୪୧,୪୯୩ ଟଙ୍କା ଦିଆଯିବାର କଥା । ତେବେ ଯାଞ୍ଚ ସମୟରେ ଜଣାପଡ଼ିଛି ଯେ, ମୋଟ ୭,୨୪,୯୫୮ ଟଙ୍କା ତୋଷରପାତ ହୋଇଛି । ସମ୍ପୃକ୍ତ ତିନିଜଣଙ୍କୁ ଗିରଫ କରି ଭିଜିଲାନ୍ସ ବିଭାଗ ଅଧିକ ତଦନ୍ତ କରୁଥିବା ଜଣାଯାଇଛି ।ଆମେ ଏଠି କହି ରଖୁଛୁ ଯେ କବିସୂର୍ଯ୍ୟନଗର ବ୍ଲକ ର ପ୍ରାୟ ୨୧ ଟି ପଂଚାୟତରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ପୂର୍ବରୁ ଯେଉଁ ଅଭିଯୋଗ ହେଉଥିଲା ତାହାର ଖୁଅ ଧରିଛି ଭିଜିଲାନ୍ସ ।

ଗଞ୍ଜାମରେ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା

କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର, ୨୨।୧୧(ମନ୍ଥନ): ସ୍ଥାନୀୟ ଋଷିକୁଲ୍ୟା-ବଂଶଧାରା-ନାଗାବଳୀ ଅବବାହିକାର ମୁଖ୍ୟ ଯନ୍ତ୍ରୀ ତଥା ଅବବାହିକା ପରିଚାଳକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଆଜି ଗଞ୍ଜାମ ଜିଲ୍ଲାରେ ବାତ୍ୟା ଓ ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ଏବଂ ଜଳ ସେଚନ ଭିତ୍ତିଭୂମିର ସ୍ଥିତି ସମୀକ୍ଷା କରିଛନ୍ତି ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା । ଜିଲ୍ଲାର ବିଭିନ୍ନ ଜଳ ଭଣ୍ଡାର ଓ କ୍ଷତିଗ୍ରସ୍ତ ଭିତ୍ତିଭୂମି ପରିଦର୍ଶନ କରି ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ପରେ ସେ ବ୍ରହ୍ମପୁରରେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଜିଲ୍ଲାରେ ବାତ୍ୟା ଓ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତି ଏବଂ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର ଏକ ସାମଗ୍ରିକ ଚିତ୍ର ଉପସ୍ଥାପନ କରିଥିଲେ । ବୈଠକରେ ବାତ୍ୟା 'ଅକଭାନ୍'ର ପ୍ରଭାବ, ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି, ଜଳଭଣ୍ଡାର ପରିଚାଳନା ଏବଂ ଜିଲ୍ଲାର ଜଳ ସେଚନ ଭିତ୍ତିଭୂମିର ସ୍ଥିତି ଓ ଏହାର ଉନ୍ନତିକରଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବାତ୍ୟା 'ଅକଭାନ୍' ସମୟରେ ବିଭାଗ ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପ ଓ ଭିତ୍ତିଭୂମିରେ ହୋଇଥିବା କ୍ଷୟକ୍ଷତିର ଯୁଦ୍ଧକାଳୀନ ଭିତ୍ତିରେ ଆକଳନ କରି ତୁରନ୍ତ କ୍ଷୟକ୍ଷତିର ବିବରଣୀ ଓ ଆକଳନ ରିପୋର୍ଟ ପ୍ରଦାନ କରିବାକୁ ପ୍ରମୁଖ ଶାସନ ସଚିବ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପୁନରୁଦ୍ଧାର



କାର୍ଯ୍ୟ ଗୁଡ଼ିକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଗଞ୍ଜାମ ଜିଲ୍ଲାରେ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଏବଂ ଜଳ ସମ୍ପଦ ବିଭାଗ ଉପରେ ଜନ ସାଧାରଣଙ୍କର ଅନେକ ଆଶା ଓ ଅପେକ୍ଷା ରହିଥିବା ଉଲ୍ଲେଖ କରି ଏହି ସମୟରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଧିକ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବା ସହିତ ଆବଶ୍ୟକ ସ୍ଥଳେ ଦିନରାତି ଏକ କରି କାମ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ବାତ୍ୟା ଓ ବନ୍ୟା ସମୟରେ ବିଭାଗୀୟ ଯନ୍ତ୍ରୀ ଏବଂ କ୍ଷେତ୍ର ସ୍ତରୀୟ କର୍ମଚାରୀ ମାନଙ୍କ ନିଷ୍ପାପର ଉଦ୍ୟମ ଓ ଜିଲ୍ଲା ପ୍ରଶାସନ ସହ ସେମାନଙ୍କର ଉତ୍ତମ ସମନ୍ୱୟକୁ ସେ ପ୍ରଶଂସା କରିଥିଲେ । ଉକ୍ତ ବୈଠକରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ବିଘ୍ନରାଜ ପୁରୋହିତ, ବ୍ରହ୍ମପୁର ମହାନଗର ନିଗମ କମିଶନର ଆକବରମ ସସ୍ୟା ରେଡ୍ଡୀ, ଋଷିକୁଲ୍ୟା-ବଂଶଧାରା-ନାଗାବଳୀ ଅବବାହିକାର ମୁଖ୍ୟ ଯନ୍ତ୍ରୀ ତଥା ଅବବାହିକା ପରିଚାଳକ ଜଗନ୍ନାଥ ପାଣିଙ୍କ ସମେତ ବ୍ରହ୍ମପୁର, ଚିକିଟି ଓ ଭଞ୍ଜନଗର ଡିଭିଜନ୍‌ର ଅଧିକ୍ଷଣ ଯନ୍ତ୍ରୀ ନିରଞ୍ଜନ ସାହୁ, ସୁବ୍ରତ ପଟ୍ଟନାୟକ, ବିଷ୍ଣୁଚରଣ ସାହୁ ଓ ବିଭିନ୍ନ ଶାଖାର ଯନ୍ତ୍ରୀ ମାନେ ଉପସ୍ଥିତ ଥିଲେ ।

ମନ୍ଦିରରୁ ବଡ଼ ଧରଣର ଚୋରି, ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟ୍

ଛେଣ୍ଡିପଦା, ୨୨/୧୧(ମନ୍ଥନ)- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳରେ ଥମିବାର ନାଁ ନେଉନି ଚୋରଙ୍କ ଆତଙ୍କ । ଏବେ ଦୁର୍ବୃତ୍ତଙ୍କ ଟାର୍ଗେଟରେ ଖୋଦ୍ ମା' ତାରିଣୀଙ୍କ ମନ୍ଦିର । ଦିନ ଦି'ପ୍ରହରରେ ଛେଣ୍ଡିପଦା ସ୍ଥିତ ମା' ତାରିଣୀ ମନ୍ଦିରର ଭଣ୍ଡାର ଘର ତାଲା ଭାଙ୍ଗି ବଡ଼ ଧରଣର ଚୋରି କରିଛନ୍ତି ଦୁର୍ବୃତ୍ତ । ଲୁଟେରାମାନେ ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟି ନେଇଥିବା ଅଭିଯୋଗ ହୋଇଛି । ଚୋରି ସାମଗ୍ରୀ ମଧ୍ୟରେ ରହିଛି ପ୍ରାୟ ୫ ଭରି ସୁନା ଗହଣା, ୨୫ଟି ପିତଳ ଘଣ୍ଟ, ଗୋଟିଏ ଇନଭର୍ଟର ମେସିନ୍ ସମେତ ବହୁ ମୂଲ୍ୟବାନ ପୂଜା ସାମଗ୍ରୀ । ଦିନବେଳା ଲୋକଙ୍କ ଯାତାୟାତ ଥିବା ସତ୍ତ୍ୱେ ଏଭଳି ଚୋରି କରି ଫେରାର ହୋଇଯାଇଛନ୍ତି ଲୁଟେରା । ଘଟଣା ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ବିନୟ କୁମାର ବେହେରା ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ତେବେ ଦିନ ଦ୍ୱିପ୍ରହରରେ ମନ୍ଦିରରୁ ଏଭଳି ବଡ଼ ଧରଣର ଚୋରି ଘଟଣାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଅନ୍ୟ ପକ୍ଷରେ ଛେଣ୍ଡିପଦା ଅଞ୍ଚଳରେ ପୋଲିସ ପେଟ୍ରୋଲିଂ ବ୍ୟବସ୍ଥା ଜୋରଦାର କରିବା ସହ ଲୁଟେରାଙ୍କୁ ତୁରନ୍ତ ଧରିବାକୁ ଜନସାଧାରଣ ଦୃଢ଼ ଦାବି ଜଣାଇଛନ୍ତି ।

ପ୍ରଥମେ ଅର୍ଣ୍ଣବ, ମୁରାସୁ ଏବେ ଚାଷୀକୁ ଦାଉ ସାଜଲା ଅକଭାନ

କୁକୁଡ଼ାଖଣ୍ଡି, ୨୧।୧୧: ବଙ୍ଗୋପସାଗରରେ ସୃଷ୍ଟି ଗୋଟିଏ ପରେ ଗୋଟିଏ ସାମୁଦ୍ରିକ ଝଡ଼ ଗଞ୍ଜାମର ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ

ଆଞ୍ଚଳିକ ସମୁନ

ସୋମବାର,୨୩ ନଭେମ୍ବର ୨୦୨୬, ଭୁବନେଶ୍ୱର Monday,23 November 2026, Bhubaneswar



ଅନୁଷ୍ଠିତ ହେବ ବେଳାଭୂମି ଯଜ୍ଞମହୋତ୍ସବ ଆନୁକୂଲ୍ୟରେ ବୋଇତ ବନ୍ଦାଣ ଓ ଦୁଇଦିନିଆ ଆଧ୍ୟାତ୍ମିକ ଉତ୍ସବ

କାକଟପୁର,୨୨।୧୧ :(ମନ୍ଥନ) ପୁରୀ ଜିଲ୍ଲାର ପବିତ୍ର ମହୋଦଧି ବେଳାଭୂମିରେ ୨୦୧୮ ରୁ ପାଳନ କରାଯାଉଛି ବେଳାଭୂମି ଯଜ୍ଞ ମହୋତ୍ସବ ଓ ଗଙ୍ଗେଶ୍ୱର ମହାଦେବ ଙ୍କ ପୂଜନ କ୍ଷ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ କୁ ସୁଦୂରପ୍ରସାରୀ ଓ ବର୍ଣ୍ଣକ୍ଷଜ୍ୟ କରିବା ତତସହିତ ବିରାଜମାନ ପ୍ରଭୁ ଶ୍ରୀ ଶ୍ରୀ ଗଙ୍ଗେଶ୍ୱର ମହାଦେବଙ୍କ ଭବ୍ୟ ମନ୍ଦିର ନିର୍ମାଣ ଲକ୍ଷ୍ୟ ନେଇ ପ୍ରତିବର୍ଷ ଭଳି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନଭେମ୍ବର ୨୪ ଓ ୨୫ ତାରିଖରେ ଦୁଇଦିନିଆ ବେଳାଭୂମି ଯଜ୍ଞ ମହୋତ୍ସବ ଆୟୋଜିତ ହେବାକୁ ଯାଉଛି । ଏହି ମହୋତ୍ସବକୁ ନେଇ ଆଜି ସ୍ଥାନୀୟ ମୋତି ମଣ୍ଡପଠାରେ ଆୟୋଜକ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଉତ୍ସବର ଉଦ୍ଦେଶ୍ୟ, ଆଧ୍ୟାତ୍ମିକ ମହତ୍ତ୍ୱ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ଦୁଇଦିନିଆ ମହୋତ୍ସବରେ ଗୀତଯଜ୍ଞ, ସମୁଦ୍ର ଆଳତି, ବୋଇତ ଯାତ୍ରା ଓ ବୋଇତ ବନ୍ଦାଣ, ଗୋମାତା ପୂଜନ, ଗଙ୍ଗେଶ୍ୱର ମହାଦେବଙ୍କ ଆବାହନ ଓ ଘଟସ୍ଥାପନ, ନଗର କୀର୍ତ୍ତନ ଆଦି ଧାର୍ମିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିସହ



ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କଳା ଓ ପ୍ରତିଭାର ବିକାଶ ତଥା ପ୍ରଦର୍ଶନ ପାଇଁ 'ମାଟିର ମହକ' ଶୀର୍ଷକ ଏକ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ରହିଛି ବୋଲି କମିଟିର ସମ୍ପାଦକ ଚିନ୍ମୟ ପ୍ରକାଶ ଦାଶ ସୂଚନା ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ କମିଟିର ସଭାପତି ଅକ୍ଷୟ କୁମାର ପରିଡ଼ା ସମସ୍ତ ହିନ୍ଦୁ ସମାଜର ଶ୍ରଦ୍ଧାଳୁଙ୍କୁ ଏହି ପବିତ୍ର ଆଧ୍ୟାତ୍ମିକ ମହୋତ୍ସବରେ ସାମିଲ ହୋଇ ପ୍ରଭୁ ଗଙ୍ଗେଶ୍ୱର ମହାଦେବଙ୍କ ଦିବ୍ୟକୃପା ଲାଭ କରିବାକୁ ନିବେଦନ କରିଥିଲେ। ଏଥିସହ ଓଡ଼ିଆ ସାଧବ ପୁଅଙ୍କ ଗୌରବମୟ ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଓ ଐତିହାସିକ ଗାଥାକୁ ସ୍ମରଣ କରିବା ସହ ଏହି ମହୋତ୍ସବକୁ ସଫଳ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଶେଷ କରି ଏହି କାର୍ଯ୍ୟକ୍ରମ ତଥା ଗଙ୍ଗେଶ୍ୱର ମହାଦେବ ଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ସରକାର ଙ୍କ ସହଯୋଗ ରହିଲେ ଏହା ଦିନେ ଚନ୍ଦ୍ରଭାଗା ମହୋତ୍ସବ ପରି ବିସ୍ତୃତ ଓ ପରିବ୍ୟାପ୍ତ ହୋଇପାରିବ ବୋଲି କମିଟି ର ସମ୍ପାଦକ ପ୍ରକାଶ କରିଥିଲେ ।ଏହି ଅବସରରେ କମିଟିର ସାଂସ୍କୃତିକ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ବରିଷ୍ଠ ସଦସ୍ୟ କୈଳାଶ ଚନ୍ଦ୍ର ନାୟକ, ବସନ୍ତ ଜେନା ଓ ରୂପନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ନିଶାମୁକ୍ତ ଯୁବ ସମାଜ ଗଠନ ପାଇଁ ଆହ୍ୱାନ

କୁଚିଣ୍ଡା, ୨୨।୧୧ :(ମନ୍ଥନ)ମେରା ଯୁବା ଭାରତ, ସମ୍ବଲପୁର ଆନୁକୂଲ୍ୟରେ କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲସ୍ଥିତ ପିଡିଆର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ପଡ଼?ଶୀ ଯୁବ ସଂସଦ ଓ ନିଶାମୁକ୍ତ ଯୁବ ସମାଜ ଗଠନ ଅଭିଯାନ ଆୟୋଜିତ ହୋଇଯାଇଛି। ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ଭୂମିକା ଏବଂ ନିଶାମୁକ୍ତ ସମାଜ ଗଠନକୁ ମୁଖ୍ୟ ବିଷୟବସ୍ତୁ କରି ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ହୋଇଥିଲା।ଏଥିରେ ସମ୍ବଲପୁର ସାଂସଦଙ୍କ ମନୋନୀତ ପ୍ରତିନିଧି ରୁଦ୍ର ପ୍ରତାପ ଦେଓ ମୁଖ୍ୟ ଅତିଥି ଏବଂ ଯୋଗାଚାର୍ଯ୍ୟ ସୁରେନ୍ଦ୍ର ଶାସ୍ତ୍ରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁଚିଣ୍ଡା ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟର ବି.କେ. ରୀନା ଓ ବି.କେ. ସୁନିତା, ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ଦାସ ଏବଂ ଅବସରପ୍ରାପ୍ତ ଅଧ୍ୟାପକ ରଜନୀକାନ୍ତ ପଟେଲ ଯୋଗଦେଇଥିଲେ।କାର୍ଯ୍ୟକ୍ରମରେ ନିଶା ସେବନର କୁପରିଣାମ, ନିଶା ନିବାରଣ ଏବଂ ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରଖିବା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିସହ ଯୁବ ସଂସଦ ମାଧ୍ୟମରେ ଯୁବପିଢ଼ିଙ୍କ ମତାମତ ଆଦାନପ୍ରଦାନ, ସାମାଜିକ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା ଓ ତର୍କବିତର୍କ ଏବଂ ବିକଶିତ ଭାରତ ଗଠନରେ ଯୁବକମାନଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯୁବଶକ୍ତି ହେଉଛି ଦେଶର ଭବିଷ୍ୟତ। ତେଣୁ ଯୁବକମାନେ ନିଶାଠାରୁ ଦୂରେଇ ରହି ଶିକ୍ଷା, କ୍ରୀଡ଼ା ଓ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନରେ ସହଭାଗୀ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।ଏହି



ଅବସରରେ ଯୁବପିଢ଼ିଙ୍କ ପ୍ରତିଭା ଓ ସୃଜନଶୀଳତାର ବିକାଶ ପାଇଁ ଗୀତ ଓ ଭାଷଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।କାର୍ଯ୍ୟକ୍ରମକୁ କିଶାନ କୁମାର ଦେଓ ପରିଚାଳନା କରିଥିବାବେଳେ ରୋଶନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାର ସଫଳ ଆୟୋଜନରେ ବାମରା ବ୍ଲକର ମେରା ଯୁବା ଭାରତ ସ୍ୱେଚ୍ଛାସେବୀ ବିଭୂତି ପୁସେଠ ଓ କେଶବ ମେହେର ଏବଂ କୁଚିଣ୍ଡା ବ୍ଲକର ସ୍ୱେଚ୍ଛାସେବୀ ସୌମିତ୍ରୀ ପୁସେଠ ସହଯୋଗ କରିଥିଲେ। ସେହିପରି ରାଉତବାହାଲସ୍ଥିତ ଶିବମ୍ ୟୁଥ୍ କ୍ଲବ୍ ଓ ଏହାର ସଦସ୍ୟ ଧନେଶ୍ୱର ସାହୁ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ସହଯୋଗ କରିଥିଲେ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ନିଶାମୁକ୍ତ ସମାଜ ଗଠନ, ସାମାଜିକ ଦାୟିତ୍ୱବୋଧ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ସଚେତନତା ଓ ନୂତନ ଉତ୍ସାହ ସୃଷ୍ଟି ହୋଇଥିଲା।

ଦିବଂଗତ ଶିକ୍ଷୟିତ୍ରୀ କୁନି ଦାସ ଙ୍କ ପାଇଁ ସ୍ମୃତିସଭା ଅନୁଷ୍ଠିତ

ପିପିଲି,୨୨।୧୧ :(ମନ୍ଥନ)ପିପିଲି ବ୍ଲକ ଅନ୍ତର୍ଗତ କୁଞ୍ଜର ପ୍ରାଥମିକ ବିଦ୍ୟାଳୟ ରେ କାର୍ଯ୍ୟରତ ଆଦର୍ଶ ଶିକ୍ଷୟିତ୍ରୀ କୁନି ଦାସ ଙ୍କ ୫୯ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ଏକାଦଶାହ ଉପଲକ୍ଷେ ଜଇଶପାଟଶାସ୍ଥ ନିଜସ୍ୱ ବାସଭବନ ରେ ଗୋବିନ୍ଦପୁର କ୍ଲଷ୍ଟର ର ସମସ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ତରଫରୁ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଫଟୋ ଚିତ୍ର ରେ ପୁଷ୍ପ ପ୍ରଦାନ ପୂର୍ବକ ଗଭୀର ଶ୍ରଦ୍ଧାଂଜଳି ପ୍ରଦାନ କରାଯାଇଥିଲା। ଗୋବିନ୍ଦପୁର କ୍ଲଷ୍ଟର ର ସିଆରସିସି ସୁନିତା ନାୟକ ଙ୍କ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଶିକ୍ଷକ ସଂଘ ସଭାପତି ଜୟ ପ୍ରକାଶ ପ୍ରଧାନ ମଞ୍ଚ ପରିଚାଳନା ରେ ଅନୁଷ୍ଠିତ ଏହି ସଭାରେ ପିପିଲି ଏବିଇଓ ଡଃ ଶରତ କୁମାର ଚଉଁରା,ଏବିଇଓ ମିହିର କୁମାର ପ୍ରଧାନ, ରାଜ୍ୟ ସଂଘ ର ମହାସଚିବ ବିକ୍ରମ କୁମାର ରଥ, ବ୍ଲକ୍ ସଂଘ ର ସଭାପତି ଜୟ ପ୍ରକାଶ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର, ଗୀତାଞ୍ଜଳି ମିଶ୍ର,ଶକ୍ତି ପ୍ରସନ୍ନ ମହାନ୍ତି, ସନ୍ତୋଷ ନାୟକ,ସନ୍ଧ୍ୟାରାଣୀ ପାତ୍ର, ଗଦାଧର ବାଘ,କବିତା ମହାପାତ୍ର, ଚିନ୍ମୟୀ ସାହୁ, ସିଗ୍ମା ପ୍ରଧାନ,ନରେନ୍ଦ୍ର ସେନାପତି, ଲକ୍ଷ୍ମୀଧର ପ୍ରଧାନ, ସୁମନ୍ତ ବେହେରା, ଶିକ୍ଷକ ଚିନ୍ତାମଣି ଓଝାଯୋଗ ଦେଇ ସ୍ୱର୍ଗତ କୁନି ଦାସ ଙ୍କ ଶିକ୍ଷକତା ଜୀବନ ରେ ଛାଡି ଯାଇଥିବା ନିଃସ୍ୱାର୍ଥପର ସେବା, ପିଲାମାନଙ୍କୁ ସ୍ନେହ ଦେଇ ଶିକ୍ଷା ଦାନ କରାଇବା , ବିଦ୍ୟାଳୟ ର ସର୍ବାଙ୍ଗୀନ ଉନ୍ନତି ରେ ବ୍ରତୀ ହେବା ସହ ତାଙ୍କର ଅମାୟିକ ବ୍ୟବହାର,ସରଳ ଜୀବନ ଯାପନ, ସମୟାନୁବର୍ତ୍ତିତା , କର୍ତ୍ତବ୍ୟ ପରାୟଣାତା ରେ କୁଞ୍ଜର ଗ୍ରାମ ସହ ପିପିଲି ବ୍ଲକ ରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି ବକ୍ତାମାନେ ମତ ରଖିଥିଲେ। ଏହି ଦୁଃଖଦ ସମୟରେ ସ୍ୱାମୀ ବେଣୁଧର ଦାସ, ପୁତ୍ର ସଂଗ୍ରାମ କେଶରୀ ଦାସ, ବିପ୍ଳବ ଦାସ , ପୁତୁରା ଆର୍ତ୍ତତ୍ରାଣ ଦାସ ଏବଂ ସମସ୍ତ ଶୋକ ସନ୍ତାପ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

ପାର୍କିଂ କାର୍ ଉପରେ ଚଢ଼ିଗଲା ପିକ୍‌ଅପ୍ ଭ୍ୟାନ୍ ଓ ଟ୍ରକ୍

ଛତ୍ରପୁର, ୨୨।୧୧ :(ମନ୍ଥନ)ଗଞ୍ଜାମ ଜିଲ୍ଲା ଛତ୍ରପୁର ଡିଆରଡିଏ ଛକ ନିକଟ ଜାତୀୟ ରାଜପଥରେ ଶନିବାର ଏକ ଅଜବ ତଥା ଅଭାବନୀୟ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଅଟକି ରହିଥିବା ଏକ କାର୍ ଉପରେ ଟିପିଏସ୍‌ଓଡିଏଲ୍‌ର ସଚେତନତା ପିକ୍‌ଅପ୍ ଭ୍ୟାନ୍ ଓ ଏକ ଟ୍ରକ୍ ଚଢ଼ିଯିବା ଫଳରେ କାର୍‌ଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ତେବେ ସୌଭାଗ୍ୟବଶତଃ କାର୍ ମାଲିକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି।ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ କାର୍ ଡିଆରଡିଏ ଛକ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଅଟକି ରହିଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଟିପିଏସ୍‌ଓଡିଏଲ୍‌ର ସଚେତନତା ପିକ୍‌ଅପ୍ ଭ୍ୟାନ୍‌କୁ ଭୁବନେଶ୍ୱରରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଧକ୍କା



ଫଳରେ ଉଭୟ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା କାର୍ ଉପରେ ପଡ଼ିଯାଇଥିଲେ। ଏଥିରେ କାର୍ ?ଟି ଚାପି ହୋଇ ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା।କାର୍‌ରୁ ଓହ୍ଲାଇ ପଡ଼ିଥିବା ବ୍ରହ୍ମପୁରର ରଜତ ପାଣିଗ୍ରାହୀ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଭଗବାନଙ୍କ କୃପାରୁ ତାଙ୍କ ଜୀବନ ବଞ୍ଚିଗଲା ବୋଲି ସେ କହିଛନ୍ତି।ଖବର ପାଇ ଛତ୍ରପୁର ଥାନା ପୁଲିସ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଜେସିବି ସହାୟତାରେ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।ପ୍ରାଥମିକ ଭାବେ ପିକ୍‌ଅପ୍ ଭ୍ୟାନ୍‌ର ଭୁଲ୍ ଦିଗରେ ଚଳାଚଳ ଏବଂ କାର୍‌ଟିର ଅସୁରକ୍ଷିତ ଢଙ୍ଗରେ ପାର୍କିଂ ଏହି ଦୁର୍ଘଟଣାର କାରଣ ହୋଇଥିବା ଜଣାପଡ଼ିଛି। ତେବେ ଏଭଳି ଅବହେଳା ଯୋଗୁଁ ଏକ ବଡ଼ ଅଘଟଣ ଘଟିବାରୁ ଅଳ୍ପକେ ରକ୍ଷା ମିଳିଛି।

ତାମ୍ପରା ନିକଟ ଜାତୀୟ ରାଜପଥ ସଡ଼କ ଦୁର୍ଘଟଣା; ଦୁଇ ଯୁବକ ଗୁରୁତର

ଛତ୍ରପୁର,୨୨।୧୧ :(ମନ୍ଥନ)ତାମ୍ପରା ନିକଟ ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଦୁଇ ଯୁବକ ହେଲେ ମିଥୁନ ସ୍ୱାଇଁ ଓ ପ୍ରଦୀପ ସାହୁ। ଉଭୟଙ୍କୁ ଚିକତ୍ସା ପାଇଁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।ସୂଚନାନୁଯାୟୀ, ଉଭୟ ଗୋଟିଏ ବାଇକ୍‌ରେ ଯାଉଥିବା ସମୟରେ ତାମ୍ପରା ନିକଟ ଜାତୀୟ ରାଜପଥରେ ହଠାତ୍ ଦୁର୍ଘଟଣାର ଶିକାର ହୋଇଥିଲେ। ତେବେ ଦୁର୍ଘଟଣା କିପରି ଘଟିଲା, ତାହାର ସଠିକ୍ କାରଣ ଜଣାପଡ଼ିନାହିଁ। କୌଣସି କୋଣସି ଗାଡ଼ି ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଛି ନା ଦୁଇ ଯୁବକ ନିୟନ୍ତ୍ରଣ ହରାଇ ଡିଭାଇଡର୍‌ରେ ପିଟି ହୋଇଛନ୍ତି, ସେନେଇ ସ୍ପଷ୍ଟତା ମିଳିନାହିଁ।ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଓ ରାସ୍ତାରେ ଯାଉଥିବା କିଛି ଯୁବକ ତୁରନ୍ତ ସହାୟତାରେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା।

ବାତ୍ୟା 'ଅକଓ୍ୱାନ' ପରବର୍ତ୍ତୀ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ଛତ୍ରପୁର,୨୨।୧୧ :(ମନ୍ଥନ)ବାତ୍ୟା 'ଅକଓ୍ୱାନ'ର ବିପଦ ଟଳିବା ପରେ ଏବେ କ୍ଷୟକ୍ଷତି ଆକଳନ ଓ ପୁନରୁଦ୍ଧାର କାର୍ଯ୍ୟକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପ୍ରାଥମିକତା ଦେଇଛି। ଏନେଇ ଶନିବାର ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଛତ୍ରପୁରସ୍ଥିତ ଓସ୍ୱାନ୍ ହଲ୍‌ରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ସମସ୍ତ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର ଓ କ୍ଷେତ୍ର ଅଧିକାରୀମାନେ ଯୋଗଦେଇଥିଲେ।ବାତ୍ୟାର ସଫଳ ମୁକାବିଲା ପାଇଁ 'ଟିମ୍ ଗଞ୍ଜାମ'ର ମିଳିତ ଉଦ୍ୟମକୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ। ଜିଲ୍ଲା ପ୍ରଶାସନ, ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି ଓ ଜନପ୍ରତିନିଧିଙ୍କ ସମନ୍ୱିତ ସହଯୋଗ ଯୋଗୁଁ ବାତ୍ୟାର ସଫଳ ମୁକାବିଲା ସମ୍ଭବ ହୋଇଥିବା କହି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।ବୈଠକରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବନ୍ୟା ପରିସ୍ଥିତି, ଚାଷଜମିର କ୍ଷୟକ୍ଷତି ଏବଂ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲାର କେତେକ ସ୍ଥାନରେ ଚାଷଜମି ଏବେ ମଧ୍ୟ ଜଳମଗ୍ନ ରହିଥିବାରୁ କ୍ଷୟକ୍ଷତିର ତୁରନ୍ତ ଆକଳନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଅନ୍ୟପକ୍ଷରେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ସ୍ୱତନ୍ତ୍ର ରିଲିଫ୍ ପ୍ୟାକେଜ୍ ବଣ୍ଟନ କାର୍ଯ୍ୟ ଜିଲ୍ଲାରେ ଜୋରସୋରରେ ଚାଲିଛି। ଇତିମଧ୍ୟରେ ୫୦ ପ୍ରତିଶତରୁ ଅଧିକ ପରିବାରଙ୍କ ନିକଟରେ ଚାଉଳ ଓ ରିଲିଫ୍ ସହାୟତା ପହଞ୍ଚିସାରିଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଅବଶିଷ୍ଟ ସମସ୍ତ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିବାକୁ ଜିଲ୍ଲାପାଳ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ପାତିମାଙ୍କଡ଼ କାମୁଡ଼ାରେ ଯୁବତୀ ଆହତ

ବୁଗୁଡ଼ା,୨୨।୧୧ :(ମନ୍ଥନ) ସମ୍ପ୍ରତି ବୁଗୁଡା ଅଞ୍ଚଳରେ ପାତିମାଙ୍କଡ଼ମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ବେଳେ ଏହାର ପ୍ରଭାବରେ ସହରାଞ୍ଚଳ ସାଙ୍ଗକୁ ଗ୍ରାମାଞ୍ଚଳର ଲୋକେ ମଧ୍ୟ ହଟହଟାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳର ବିଭିନ୍ନ ସ୍ଥାନକୁ ପାତିମାଙ୍କଡ ପଲ ଘୁରିବୁଲି ଅତର୍କିତ ଭାବେ ଲୋକଙ୍କୁ ଆକ୍ରମଣ କରି ଖଣ୍ଡିଆ ଖାବରା କରୁଛନ୍ତି। ଚଳିତ ମାସରେ ବୁଗୁଡା ବ୍ଲକର ଅନ୍ତରପଡା ଗ୍ରାମରେ ଅନେକ ମହିଳା ପାତିମାଙ୍କଡ଼ କାମୁଡ଼ାର ଶିକାର ହୋଇଥିବା ବେଳେ ଆଜି ଶନିବାର ସକାଳେ ଶାମିଲ ସ୍ୱାଇଁ (୨୦) ନାମ୍ନୀ ଜନୈକା ମହିଳା ପୂଜା ପାଇଁ ମନ୍ଦିରକୁ ଯାଉଥିବା ସମୟରେ ଏକ ମାଙ୍କଡ଼ ଅତର୍କିତ ଆକ୍ରମଣ କରି ତାଙ୍କର ବାମ ଗୋଡକୁ ପୁଲାଏ କାମୁଡି ଧରିଥିଲା । ଆଖପାଖରେ ଥିବା ଲୋକେ ଚିତ୍କାର କରିବାରୁ ମାଙ୍କଡ଼ଟି କାମୁଡା ଛାଡି ସେଠାରୁ ଚାଲିଯାଇଥିଲା। ଘଟଣାସ୍ଥଳରୁ ଆହତ ଯୁବତୀଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ମେଡିକାଲରେ ଚିକିତ୍ସା ପରେ ତାଙ୍କର ଅବସ୍ଥାରେ ସୁଧାର ଆସିଥିବା ବେଳେ ଏହି ଘଟଣାକୁ ନେଇ ଅନ୍ତରପଡା ଗ୍ରାମରେ ମାଙ୍କଡ ଭୟ ଘାରିଥିବା ଜଣାଯାଇଛି।

କୁଚିଣ୍ଡାରେ ବିଜେପିରେ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଯୋଗଦାନ

କୁଚିଣ୍ଡା,୨୨।୧୧ :(ମନ୍ଥନ)କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଚିଣ୍ଡା ବ୍ଲକ୍ ଜୋନ୍-୨ ରେ ଆଜି ସ୍ଥାନୀୟ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ପୁସେଠ, ଭବାନୀ ଶଙ୍କର ସେଠ, ଫକୀର ମିଶିର, ବିନୋଦ ଚୌଧୁରୀ, ପୂର୍ଣ୍ଣ ଚନ୍ଦ୍ର ଛଛାନ, ପ୍ରଦୀପ ସୁନାନୀ, ଜାତି ସମାଜର ମୁଖ୍ୟ ଯେହେରୁ କିସାନ, ତଥା ୱାର୍ଡ ମେମ୍ବର ଇନ୍ଦ୍ରମଣି ଲୁହା, ପୌଲଷ୍ଟୀ ମନୋହାରୀ, ଅଶ୍ୱିନୀ ମାଝୀ ଓ ସନାତନ ନାୟକ, ରମେଶ ଚନ୍ଦ୍ର ପଟେଲ, ସୁରଥ ପ



ଲୋକତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ଅଭିଯାନରେ ନୂଆପଡ଼ାରେ ବିଶାଳ ପଦଯାତ୍ରା

ନୂଆପଡ଼ା,୨୨।୧୧ :(ମନ୍ଟୁନ) ଲୋକତନ୍ତ୍ରର ସୁରକ୍ଷା, ଜାତୀୟ ଏକତା ଓ ଦେଶର ସ୍ୱାର୍ଥ ସୁରକ୍ଷାର ଆହ୍ୱାନ ନେଇ ନୂଆପଡ଼ା ଜିଲ୍ଲାରେ 'ଲୋକତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଅଭିଯାନ ଅଧୀନରେ ଏକ ବିଶାଳ ପ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବିଜେପି କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଏକତା ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଓ ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ନେତା, ଜନପ୍ରତିନିଧି, ଦଳୀୟ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତା ଉତ୍ସାହର ସହ ସାମିଲ ହୋଇଥିଲେ।ପଦଯାତ୍ରାରେ ଜିଲ୍ଲା ବିଜେପି ସଭାପତି କମଲେଶ ଦୀକ୍ଷିତ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ନୂଆପଡ଼ା ବିଜେପି ପ୍ରଭାରୀ ଆର୍ତ୍ତତ୍ରାଣ ମହାପାତ୍ର, ବରିଷ୍ଠ ନେତା ଲମ୍ବୋଦର ନିଆଲ, ପ୍ରଶ୍ନ ପାଢ଼ୀ, ସୋମନାଥ ଖମାରି, ଯୁବନେତା ଅଭିନନ୍ଦନ ପଣ୍ଡା, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଖରିଆରରୋଡ଼ ଏନ୍‌ଏସି ଅଧକ୍ଷା ସୋନିଆ ଅଗ୍ରୱାଲ, ଖଡ଼ିଆଳ ଏନ୍‌ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ବରିଷ୍ଠ ନେତା ସରୋଜ ସାହୁ, ତୁଳସ ପଟେଲ ଓ ସଦାନନ୍ଦ ଯୋଶୀଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଯୋଗଦେଇଥିଲେ।ଏହି ଅଭିଯାନ ଅବସରରେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା, ସାଂସ୍କୃତିକ ଏକତା, ଜାତୀୟ ସ୍ୱାର୍ଥ ଓ ଦେଶର ସାର୍ବଭୌମତ୍ୱର ସୁରକ୍ଷା ଉପରେ ଆୟୋଜକଙ୍କ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା। ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ଏବଂ ସାମାଜିକ ସ୍ଥିରତା ବଜାୟ ରଖିବା ଦିଗରେ ଜନସାଧାରଣଙ୍କ ସକ୍ରିୟ ଭୂମିକା ଅତ୍ୟନ୍ତ ଜରୁରୀ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏଥିସହ କଂଗ୍ରେସ ଓ କିଛି ବିଦେଶୀ ଶକ୍ତିଙ୍କ ମଧ୍ୟରେ ଷଡ଼ଯନ୍ତ୍ର ଚାଲିଥିବା ନେଇ ଆୟୋଜକଙ୍କ ପକ୍ଷରୁ ଅଭିଯୋଗ ଉଠାଯାଇଥିଲା।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଆତ୍ମନିର୍ଭର ଭାରତ' ଓ 'ମେକ୍ ଇନ୍ ଇଣ୍ଡିଆ' ଭଳି ଅଭିଯାନ ଦେଶର ଆର୍ଥିକ ପ୍ରଗତି, ସ୍ୱଦେଶୀ ଉତ୍ପାଦନ ଓ ଆତ୍ମନିର୍ଭରଶୀଳତାକୁ ନୂଆ ଦିଗ ଦେଇଥିବା ସହ ଗରିବୀ ହ୍ରାସ ଓ ଜନକଲ୍ୟାଣରେ ସହାୟକ ହୋଇଥିବା ନେଇ ବକ୍ତାମାନେ ମତ ରଖିଥିଲେ। ଏହା ସହ ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାରଙ୍କ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଲକ୍ଷ୍ୟ, ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଓ ଲୋକଙ୍କ ଜୀବନମାନର ଉନ୍ନତି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।ପଦଯାତ୍ରାରେ ଦେଖାଯାଇଥିବା ଜନସମାଗମକୁ ନେଇ ଆୟୋଜକମାନେ ସନ୍ତୋଷ ପ୍ରକାଶ କରିଥିଲେ। ଲୋକତନ୍ତ୍ରର ସୁରକ୍ଷା, ଜାତୀୟ ଏକତା, ଦେଶର ଅଖଣ୍ଡତା ଓ ଓଡ଼ିଶାର ସର୍ବାଙ୍ଗୀଣ ବିକାଶ ପାଇଁ ଦଳୀୟ କାର୍ଯ୍ୟକର୍ତ୍ତା ତଥା ସାଧାରଣ ଜନତା ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଏହି ଅଭିଯାନ ମାଧ୍ୟମରେ ଆହ୍ୱାନ ଦିଆଯାଇଥିଲା।ଲୋକତନ୍ତ୍ରର ମୂଲ୍ୟବୋଧକୁ ଜନଜନଙ୍କ ମଧ୍ୟରେ ପହଞ୍ଚାଇବା ଓ ରାଷ୍ଟ୍ର ନିର୍ମାଣରେ ଜନସହଭାଗିତାକୁ ଅଧିକ ସୁଦୃଢ଼ କରିବାର ସନ୍ଦେଶ ସହ ପଦଯାତ୍ରା ସମାପ୍ତ ହୋଇଥିଲା।

ବାତ୍ୟା 'ଅକଭାନ' ପ୍ରଭାବରେ ଧାନ ଫସଲ କ୍ଷତିଗ୍ରସ୍ତ ,ସ୍ଥିତି ଅନୁଧ୍ୟାନ କାର୍ଯ୍ୟରେ ପ୍ରଶାସନ

ବୁଗୁଡା,୨୨।୧୧ :(ମନ୍ଟୁନ)ବାତ୍ୟା 'ଅକଭାନ୍' ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ବୁଗୁଡା ବ୍ଲକର କେତେକ ଗ୍ରାମାଞ୍ଚଳ ସାଙ୍ଗକୁ ଚାଷଜମି ଜଳମଗ୍ନ ହୋଇଥିବାରୁ ବ୍ୟାପକ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ଗତକାଲି ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳ ଭି.କିର୍ତ୍ତୀ ଭାସନ ଅଚାନକ ଗସ୍ତକରି ବର୍ଷା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ସହ ବାଘୁଆ ଜଳଭଣ୍ଡାରର ସ୍ଥିତି ଅନୁଧ୍ୟାନ କରି ଫେରିଥିଲା ବେଳେ ଆଜି ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ବୁଗୁଡା ବ୍ଲକ ଅନ୍ତର୍ଗତ କରଚୁଲି, ବିରଞ୍ଚିପୁର, ଉଦୟପୁର ଆଦି ଅଞ୍ଚଳ ପରିଦର୍ଶନ କରି ଜଳମଗ୍ନ ଏବଂ କ୍ଷତିଗ୍ରସ୍ତ ଧାନ ଫସଲ ଜମିର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ସେ ପ୍ରଭାବିତ ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଫସଲ କ୍ଷୟକ୍ଷତି ସମ୍ପର୍କେ ପଚାରି ବୁଝିଥିଲେ ଏବଂ କ୍ଷତିଗ୍ରସ୍ତ ଚାଷଜମିର ତୁରନ୍ତ ଆକଳନ କରି ଆବଶ୍ୟକୀୟ ରିପୋର୍ଟ ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହି କ୍ଷେତ୍ର ପରିଦର୍ଶନ କାଳରେ ବୁଗୁଡା ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ତହସିଲଦାର ତାପସ ରାଉତ ଓ ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ ସମେତ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।



ଗାଦିବ୍ରହ୍ମ ଭଜନ ମୃତ ଉନ୍ମୋଚିତ

ଡେଲାଙ୍ଗ,୨୨।୧୧ :(ମନ୍ଟୁନ) ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବେନୁପଡ଼ା ଗ୍ରାମରେ ଥିବା ଐତିହାସିକ ଗାଦିବ୍ରହ୍ମ ପୀଠରେ ପ୍ରଭୁ ଗାଦିବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଏକ ଭଜନ ପୁସ୍ତକ ଉନ୍‌ମୋଚିତ ହୋଇଯାଇଛି।ଏହି ପୁସ୍ତକ ଉନ୍‌ମୋଚନ ଉତ୍ସବ ରେ ଗାଦିବ୍ରହ୍ମ ମଠର ମହନ୍ତ ଶ୍ରୀ ଶ୍ରୀ ଶିଶିର ଦାସ ଗୋସ୍ୱାମୀ, ଗାୟକ ଦୁର୍ଯ୍ୟୋଧନ ମହାରଣା , କଣ୍ଠଶିଳ୍ପୀ ଦୁର୍ଯ୍ୟୋଧନ ରଣା, ଶତ୍ରୁଘ୍ନ ରଣା, ବାବୁଲା ରଣା, ସାମ୍ବାଦିକ ବିକ୍ରମ ବେହେରା, ଯଯାତି କେଶରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବହିଟିକୁ ସଂଗ୍ରହ କରି ସମ୍ପାଦନା ଦାୟିତ୍ୱ ଥିଲେ ଗୀତିକାର ଓ କଣ୍ଠଶିଳ୍ପୀ ରାଜକିଶୋର ସାହୁ। ମହାପୁରୁଷ ଙ୍କ ଏହି ଲେଖାକୁ ଭକ୍ତ ମଣ୍ଡଳୀ ବେସ ଭଲପାଇବା ଦେଇଥିବା ବେଳେ ପାଖାପାଖି ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଉପଭୋଗ କରିବା ସହ ପ୍ରଭୁ ଗାଦିବ୍ରହ୍ମ ଙ୍କୁ ଦର୍ଶନ କରି ଆଶ୍ରିବାଦ ଭିକ୍ଷା କରିଥିଲେ।

ଭାଲୁ ଆକ୍ରମଣରେ ଗୁରୁତର ଦୁଇ ଯୁବକଙ୍କୁ ତ୍ୱରିତ ଉଦ୍ଧାର

ନୂଆପଡ଼ା, ୨୨।୧୧ :(ମନ୍ଟୁନ)ଜଙ୍ଗଲୀ ଭାଲୁଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଦୁଇ ଯୁବକଙ୍କୁ ଜିଲ୍ଲା ପ୍ରଶାସନର ତ୍ୱରିତ ହସ୍ତକ୍ଷେପ ଓ ସମନ୍ୱିତ ଉଦ୍ଧାର କାର୍ଯ୍ୟ ଯୋଗୁଁ ସମୟୋଚିତ ଚିକିତ୍ସା ମିଳିପାରିଛି। ଜିଲ୍ଲାପାଳ ଅନ୍ୟା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆମ୍ବୁଲାନ୍ସ ସହ ଉଦ୍ଧାର ବ୍ୟବସ୍ଥା କରାଯାଇ ଉଭୟ ଆହତଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଯାଇଥିଲା। ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ, କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳର ଦେଓସିଲ ଗ୍ରାମର ଦେଓସିଂ ପହରିଆ ଓ ରାଜକୁମାର ପହରିଆ, ଉଭୟଙ୍କ ବୟସ ପ୍ରାୟ ୨୦ରୁ ୨୫ ବର୍ଷ ମଧ୍ୟରେ, ତିଖାଲି ଗ୍ରାମରେ ଏକ ବିବାହ ଭୋଜିରେ ଯୋଗଦେଇ ମୋଟରସାଇକେଲ ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ଫେରିବା ବାଟରେ ଜାମଗାଁ ଘାଟି ନିକଟରେ ଅଚାନକ ଦୁଇଟି ଭାଲୁ ସେମାନଙ୍କ ଉପରେ ଆକ୍ରମଣ କରିବାରୁ ଉଭୟ ଯୁବକ ଗୁରୁତର ଆହତ ହୋଇଥିଲେ। ଘଟଣାଟି ଅତ୍ୟନ୍ତ ଆକସ୍ମିକ ହୋଇଥିବାରୁ ସେମାନେ ଗୁରୁତର ଅବସ୍ଥାରେ ସହାୟତା ଆବଶ୍ୟକ କରୁଥିଲେ।ଘଟଣା ସମ୍ପର୍କରେ ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ପ୍ରତ୍ୟକ୍ଷ ତଦାରଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଉଦ୍ଧାର ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆମ୍ବୁଲାନ୍ସ ବ୍ୟବସ୍ଥା ସହ ବନ ବିଭାଗର କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରି ଆହତ ଦୁଇ ଯୁବକଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତରୀ ଦଳ ପକ୍ଷରୁ ତୁରନ୍ତ ଆବଶ୍ୟକୀୟ ଚିକିତ୍ସା ଓ ସେବା ଯୋଗାଇ ଦିଆଯାଇଥିବାରୁ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ରହିଛି।ବିପଦର ମୁହୂର୍ତ୍ତରେ ପ୍ରଶାସନର ତ୍ୱରିତ ପ୍ରତିକ୍ରିୟା, ଆମ୍ବୁଲାନ୍ସର ବ୍ୟବସ୍ଥା, ବନ ବିଭାଗର ସହଯୋଗ ଏବଂ ଚିକିତ୍ସାଳୟରେ ସମୟୋଚିତ ଚିକିତ୍ସା ଆହତଙ୍କ ପାଇଁ ଏକ ଆଶ୍ୱସ୍ତିକର ପଦକ୍ଷେପ ହୋଇଛି।

ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ପାଳିତ

ପିପିଲି ,୨୨।୧୧ :(ମନ୍ଟୁନ) ପିପିଲି ବ୍ଲକ ଅନ୍ତର୍ଗତ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ, ତେଇଶିପୁର ପଞ୍ଚାୟତ ଅଧିନସ୍ଥ ବାଲିଗାଁଠାରେ ଭକ୍ତ ଦାସିଆଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଅଛି । ଭକ୍ତ ଦାସିଆ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଡକ୍ଟର ପ୍ରତିଭା ମହାରଥୀ ଅଧକ୍ଷତା କରି ଭକ୍ତ ଦାସିଆଙ୍କ ଜଗନ୍ନାଥ ସଂସ୍କୃତି ପ୍ରତି ଥିବା ଅବଦାନ ସମ୍ପର୍କ ରେ ମତବ୍ୟକ୍ତ ରଖିଥିଲେ । ରାଜଧାନୀ ଇଞ୍ଜିନିୟରିଂ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶରଦ ଚନ୍ଦ୍ର ପଣ୍ଡା ଭକ୍ତଙ୍କ ସ୍ମୃତି ଚାରଣ କରିବା ସହିତ ଐତିହ୍ୟ ପୀଠର ମାହତ୍ମ ପ୍ରାଧାନ୍ୟତା ବର୍ଣ୍ଣନା କରିଥିଲେ । ଅନ୍ୟତମ ଅତିଥି ତ୍ରିନାଥ ଲେଙ୍କା, ବିଶିଷ୍ଟ ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର, ଡକ୍ଟର ବାସନ୍ତୀ ଦାଶ, ଦେବେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇ ଭକ୍ତ ଦାସିଆଙ୍କ ଉପରେ କହିଥିଲେ । ଏହି ଅବସରରେ ଆଧ୍ୟାତ୍ମିକ ତ୍ରୟୋମାସିକ ପତ୍ରିକା 'ଭାବକୁ ନିକଟ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଅନୁଷ୍ଠାନର ସାଧାରଣ ସମ୍ପାଦକ ଡକ୍ଟର ଘନଶ୍ୟାମ ସ୍ୱାଇଁ ସଭା ପରିଚାଳନା କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ସାହୁ ଶେଷରେ ଧନ୍ୟବାଦ ଦେଇଥିଲେ । ଭକ୍ତ ଦାସିଆ ସ୍ମୃତି କମିଟିର ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ, ଭାସ୍କର ଚନ୍ଦ୍ର ସାମନ୍ତରାୟ, ଶ୍ରୀ ଗୋପାଳ ବଳ, ଆଞ୍ଚଳିକ କମିଟି ସଦସ୍ୟ ଶ୍ରୀ ସଦାଶିବ ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ଯୁଧିଷ୍ଠିର ପରିଡ଼ା, ଲକ୍ଷ୍ମଧର ସାହୁ, ସନାତନ ବିଶ୍ୱାଳ, ପ୍ରଫୁଲ ବିଶ୍ୱାଳ, ପବିତ୍ର ମଲ୍ଲିକ, କୃଷ୍ଣଚନ୍ଦ୍ର ଲେଙ୍କା, କବିନ୍ଦ୍ର ବେହେରା ତଥା ବାଲିଗ୍ରାମର ସମସ୍ତ ଅଧିବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ବିଭିନ୍ନ ସରକାରୀ ଯୋଜନା ବଣ୍ଟନରେ ଅନିୟମିତତା ଅଭିଯୋଗ

କୁକୁଡ଼ାଖଣ୍ଡି,୨୨।୧୧ :(ମନ୍ଟୁନ) ବିଭିନ୍ନ ସରକାରୀ ଯୋଜନା ନାଁରେ ବେଆଇନ ଅର୍ଥ ଆଦାୟ, ବାତ୍ୟା କ୍ଷତିଗ୍ରସ୍ତଙ୍କୁ ପାଲ ବଣ୍ଟନରେ ପାତରଅନ୍ତର ଏବଂ ଗୋଖାଦ୍ୟ ବଣ୍ଟନରେ ଅନିୟମିତତା କୁ ନେଇ ତାତିଲେ ଗ୍ରାମବାସୀ। ଏଭଳି ଅଭିଯୋଗ ଆସିଛି କୁକୁଡ଼ାଖଣ୍ଡି ବ୍ଲକ ବଡୁପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଚାଞ୍ଚଡ଼ାପଲ୍ଲୀ ଗ୍ରାମ ରୁ। ଏନେଇ ଗ୍ରାମବାସୀ ଆଜି କୁକୁଡ଼ାଖଣ୍ଡି ବ୍ଲକ କାର୍ଯ୍ୟାଳୟ, ତହସିଲଦାର ଅଫିସ୍ ରେ ଦ୍ୱାରସ୍ଥ ।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବନ୍ଧୁପଲ୍ଲୀ ପଞ୍ଚାୟତର ସରପଞ୍ଚ ଓ ତାଙ୍କ ପ୍ରତିନିଧି ଙ୍କ ମନମୁଖୀ କାର୍ଯ୍ୟକଳାପ, ଶାସନ ଯୋଗୁଁ ପଞ୍ଚାୟତବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସରକାରୀ ଯୋଜନାର ସୁବିଧା କରାଇଦେବା ନାଁରେ ଲୋକଙ୍କ ଠାରୁ ବେଆଇନ ଭାବେ ଟଙ୍କା ଆଦାୟ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି ।ଏନେଇ ଗ୍ରାମବାସୀଙ୍କ ପକ୍ଷରୁ କୁକୁଡ଼ାଖଣ୍ଡି ବିଡିଓ ଙ୍କୁ ଅତିରିକ୍ତ ବିଡିଓ ସୁପ୍ରଭା ସାହୁ ଜରିଆରେ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏବିଡିଓ ଘଟଣାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।ଅନ୍ୟପକ୍ଷରେ, ସାମ୍ପ୍ରତିକ ବାତ୍ୟା 'ଅକଭାନ୍' ପ୍ରଭାବରେ ଚାଞ୍ଚଡ଼ାପଲ୍ଲୀ ଗ୍ରାମର ଅନେକ ଚାଳଛପର ଓ ଝିକର ଘର କ୍ଷତିଗ୍ରସ୍ତ ହୋଇଥିବା ସତ୍ତ୍ୱେ ପ୍ରଭାବିତ ପରିବାର ଙ୍କୁ ଆବଶ୍ୟକ ପାଲ ମିଳିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଲ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ସେମାନେ ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗର ତଦନ୍ତ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତ ଓ ଯୋଗ୍ୟ ହିତାଧିକାରୀଙ୍କୁ ନିୟମ ଅନୁଯାୟୀ ପାଲ ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଛନ୍ତି ।ଏଥିସହ ଗୋଖାଦ୍ୟ ବଣ୍ଟନରେ ମଧ୍ୟ ପକ୍ଷପାତିତା ଓ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି ।ତେବେ ଗ୍ରାମବାସୀଙ୍କ ପକ୍ଷରୁ ଆସିଥିବା ଏହି ସମସ୍ତ ଅଭିଯୋଗର ସଠିକ୍ ତଦନ୍ତ କରି ଦୋଷୀ ଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବା ସହ ପ୍ରକୃତ ହିତାଧିକାରୀଙ୍କୁ ସରକାରୀ ସୁବିଧା ଯୋଗାଇଦେବାକୁ ଦାବି କରିଛନ୍ତି ଗ୍ରାମବାସୀ ।

ଖଣିଜ ଚୋରି ବେଳେ ମାଡ଼ି ବସିଲା ବାମେବାରି ପୋଲିସ


ଯୋଡ଼ା,୨୨।୧୧ :(ମନ୍ଟୁନ) କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ପିଢ଼ ପୋଖରି ଜଙ୍ଗଲରେ ଲୁହାପଥର ଚୋରି କହୁଥିବା ବେଳେ ବାମେବାରୀ ପୋଲିସ ର ପେଟ୍ରୋଲିଙ୍ଗ ଟିମ୍ ଗୋଟିଏ ହାଡ୍ୱାରେ ବୋଝେଇ ହୋଇଥିବା ୩୨ଟନ୍ ଲୁହା ପଥର ସହିତ, ଜଣକୁ ଗିରଫ କରି କୋର୍ଟ ଚଲାଣ କରିଥିବା ଜଣା ପଡିଛି । ତେବେ ଗାଡ଼ି ନମ୍ବର ଓ ଡ଼ି ୦୯ ପି ୬୦୬୦ ସହିତ ଗିରଫ ହୋଇଥିବା ବ୍ୟକ୍ତି ର ନାମ ମାନସ ସନ୍ଧିବିଗ୍ରହ (୨୪) ପିତା ନୃସିଂହ ସା - ଉତ୍ତମ ସିଂ ହଟିଂ ଥାନା ବଡ଼ବିଲ, କେନ୍ଦୁଝର, ମାମଲା ନମ୍ବର ୨୭୭୪୨/ଏସ - ୩୦୩(୨)/୩(୫) ବି ଏନ ଏସ/ ୨୧ଏମ୍ ଏମ୍ ଡି ଆର ଧାରା ଅନୁସାରେ କୋଟ ଚାଳନ କରାଯାଇଥିବା ସୂଚନା।

ବଲାଙ୍ଗିର ର ସାମଗ୍ରିକ ବିକାଶକୁ ନେଇ ବୁଦ୍ଧିଜିବିଙ୍କ ସହ ଆଲୋଚନା କଲେ ନରସିଂହ

ବଲାଙ୍ଗିର,୨୨।୧୧ :(ମନ୍ଟୁନ) ୨୦୧୪ ପରବର୍ତ୍ତି ସମୟରୁ ତତ୍କାଳିନ ବିଧାୟକ ତଥା ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ବିକାଶ ର ରୋଡ ମ୍ୟାପ କିପରି ହେବ ସେ ନେଇ ସେ ପ୍ରତ୍ୟେକ ବର୍ଷ ଜିଲ୍ଲା ବୁଦ୍ଧିଜିବୀ, ବରିଷ୍ଠ ନାଗରିକ, ସଂଗଠନ, ସାମାଜିକ କର୍ମକର୍ତ୍ତା ଙ୍କ ସହ ଆଲୋଚନା ମାଧ୍ୟମରେ ଲୋକଙ୍କ ଠାରୁ ବିଭିନ୍ନ ପ୍ରସ୍ତାବ ଆହ୍ୱାନ କରିଥିଲେ । ଏ ପରିପ୍ରେକ୍ଷୀରେ ୨୦୨୪ ମସିହାରେ ଯଦିଓ ସେ ନିର୍ବାଚନ ରାଜନୀତିରୁ ଦୂରେଇ ରହିଲେ କିନ୍ତୁ ଲୋକ ତଥା ଅଂଚଳର ବିକାଶ ପାଇଁ ସେ ସବୁବେଳେ କାର୍ଯ୍ୟ କରିବାର ପ୍ରତିଶୃତି ଦେଇଥିଲେ । ସେହି ପରିପ୍ରେକ୍ଷୀରେ ପୁଣିଥରେ ବଲାଙ୍ଗିର ର ସମସ୍ତ ସାମାଜିକ ସଂଗଠନ, ବରିଷ୍ଠ ନାଗରିକ, ଛାତ୍ର ଯୁବକ ଙ୍କୁ ନେଇ ସ୍ଥାନୀୟ ହୋଟେଲ ସେଲିବ୍ରେସନରେ ଏକ ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାମାଜିକ କର୍ମୀ ଧର୍ମେନ୍ଦ୍ର ନନ୍ଦ ଙ୍କ ଆବହକତ୍ୱ ତଥା ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ର ଶିକ୍ଷା, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା, ପରିବେଶ ପ୍ରଦୂଷଣ ଓ ଦୁର୍ନିତିକୁ ନେଇ ଲୋକେ ଭୋଗୁଥିବା ସମସ୍ୟା ଉପରେ ଉପସ୍ଥିତ ଜନସାଧାରଣ ଆଲୋଚନା କରିଥିଲେ । ଜିଲ୍ଲା ଶିକ୍ଷା ବିକାଶ ଫୋରମ ର ସଂପାଦକ ପୀତବାସ ପଣ୍ଡା, ସଦସ୍ୟ ଗୋପବନ୍ଧୁ ନାଥ, ଜିଲ୍ଲା ସିଭିଲ ସୋସାଇଟି ର ସଂଯୋଜକ ମନୋରଂଜନ ସାହୁ, ସ୍ୱାଭିମାନ ମଂଚ ର ପ୍ରେମଚାନ୍ଦ ମହାନ୍ତ ପ୍ରମୁଖ ଶିକ୍ଷା ସମସ୍ୟାକୁ ନେଇ ଆଲୋଚନା ସହ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ବିଶେଷ କରି ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଶିକ୍ଷକ ଅଣଶିକ୍ଷକ ଅଭାବ ସମସ୍ୟା, ଗବେଷଣାତ୍ମକ କାର୍ଯ୍ୟ ଆରମ୍ଭ ନ ହେବା, ସଂସ୍କୃତ ମହାବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ନାମଲେଖାରେ ସ୍ଥାଣୁତା, ମହିଳା କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ଖୋଲିବା ଦିନଠୁ ଅଧ୍ୟାପକ ନିଯୁକ୍ତି ନ ହେବା, ଭୀମଭୋଇ ମେଡିକାଲ କଲେଜ

ସୋମବାର ୨୩ ନଭେମ୍ବର, ୨୦୨୬, ଭୁବନେଶ୍ୱର

Monday November 23, 2026 Bhubaneswar



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

କାର୍ତ୍ତିକ, ପଞ୍ଚକ, ପୂଜାବିଧି

ସ୍ୱାଗତ ପରିଡ଼ା

ପୁଣ୍ୟମାସ କାର୍ତ୍ତିକ ଆମ ସମସ୍ତଙ୍କୁ ମହାନ ଓଡ଼ିଶାର ପରମ୍ପରା, ଓଷା, ବ୍ରତ ମେଳା ସମ୍ପର୍କରେ ଅନେକ ଶିକ୍ଷା ଦେଇଥାଏ । ଓଡ଼ିଆଙ୍କ ଘରେ ଘରେ ବାର ମାସରେ ତେର ପର୍ବପରି ପୁଣ୍ୟ ପାବନ କାର୍ତ୍ତିକ ମାସରେ ମାସ ତମାମ ପାଳନ ହେଉଥିବା କାର୍ତ୍ତିକ ବ୍ରତର ଗୁରୁତ୍ୱ ଓ ମହତ୍ୱ ଅନେକ । ମହାପ୍ରଭୁ ଶ୍ରୀଜଗନ୍ନାଥ କୋଟି ଓଡ଼ିଆଙ୍କ ମଉଡମଣି ଓ ଆମର ଆରାଧ୍ୟ ଦେବତା । ପ୍ରତିଟି ଓଡ଼ିଆଙ୍କ ଘରେ ଠାକୁର ଘର, ନିଜ ଇଷ୍ଟଙ୍କ ବିଗ୍ରହ ପୂଜା ଓ ଚଉରାମୂଳ ହେଉଛି ଜୀବନ ସାଧନାର ସ୍ମରଣୀୟ କ୍ଷେତ୍ର ।

କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ଅର୍ଥାତ୍ ଦେବଉତ୍ଥାପନ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦିନକୁ ପବିତ୍ର ପଞ୍ଚକ ଭାବେ ପାଳନ କରାଯାଇଥାଏ । ଏହା ମହାପଞ୍ଚକ, ବକ ପଞ୍ଚକ ବା ଭୀଷ୍ମ ପଞ୍ଚକ ବା ବିଷ୍ଣୁ ପଞ୍ଚକ ଭାବେ ମଧ୍ୟ ଜଣାଶୁଣା । ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ୍ୟ ପାଳନ କରନ୍ତି । ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନ ଦିନ ଠାରୁ ସାତ ଦିନ ହବିଷ୍ୟ ରଖନ୍ତି । ଏହି ପାଞ୍ଚଦିନ ହିନ୍ଦୁମାନେ ଆମିଷ ପରିତ୍ୟାଗ କରି ଶୁଦ୍ଧ, ସାତ୍ତ୍ୱିକ ଖାଦ୍ୟ ଭୋଜନ କରନ୍ତି । ଏହି ପଞ୍ଚକରେ ବକମାନେ ମଧ୍ୟ ଆମିଷ ଭୋଜନରୁ ନିବୃତ୍ତ ରୁହନ୍ତି ବୋଲି କଥିତ ଅଛି । ତେଣୁ ଏହାକୁ ‘ବକ ପଞ୍ଚକ’ କୁହାଯାଏ । ଶର ଶଯ୍ୟାରେ ଶାୟିତ ଭୀଷ୍ମ ରାଜ ଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବିଷୟରେ ବର୍ଣ୍ଣନା କରିଥିଲେ । ଯାହାକୁ ପାଣ୍ଡବମାନଙ୍କ ସହିତ ଶ୍ରୀକୃଷ୍ଣ ମଧ୍ୟ ଶୁଣିଥିଲେ । ଏଥିରେ ପ୍ରସନ୍ନ ହୋଇ ଶ୍ରୀବାସୁଦେବ ଭୀଷ୍ମଙ୍କୁ ବର ଦେଇଥିଲେ । ଭୀଷ୍ମ କାର୍ତ୍ତିକ ଏକାଦଶୀ ଦିନ ଜଳର ଇଚ୍ଛା କରିଥିଲେ । ଅର୍ଜୁନ ବାଣ ଦ୍ୱାରା ଗଙ୍ଗାଜଳ ଉତ୍ପନ୍ନ କରି ତାଙ୍କ ପ୍ରାଣ ସନ୍ତୁଷ୍ଟ କରିଥିଲେ । ଏଣୁ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଯେଉଁମାନେ ଭୀଷ୍ମଙ୍କୁ ଜଳ ଓ ଅର୍ଘ୍ୟ ଦାନ କରନ୍ତି ସେମାନେ ବିଷ୍ଣୁଙ୍କ ମଧ୍ୟ ତୃପ୍ତ କରିଥାନ୍ତି । ସେଥିପାଇଁ ପଞ୍ଚକକୁ ‘ଭୀଷ୍ମପଞ୍ଚକ’ ବୋଲି ମଧ୍ୟ କୁହାଯାଇଥାଏ । ସନ୍ତାନପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ ‘ଭୀଷ୍ମ ପଞ୍ଚକ’ ପାଳିଥାନ୍ତି । ଏହି ପଞ୍ଚକରେ ୩୩କୋଟି ଦେବତା ଏକତ୍ର ହୋଇ ମଣିଷର ନିକଟତର ହୋଇଥାନ୍ତି । ଏହି ସମୟରେ ଏକ ଲକ୍ଷ ତୁଳସୀ ପତ୍ର ଚଢ଼ାଇ ବିଷ୍ଣୁଙ୍କୁ ପୂଜା କଲେ, ସମସ୍ତ ଦେବତା ପ୍ରସନ୍ନ ହୋଇ ବରପ୍ରଦାନ କରିଥାନ୍ତି ।

ଆମ ଓଡ଼ିଆ ପର୍ବପର୍ବାଣୀ ଚାରୋଟି ଭାଗରେ ବିଭକ୍ତ । ସେଗୁଡ଼ିକ ହେଉଛି ଲୌକିକ, ଶାସ୍ତ୍ରୀୟ, ଆଞ୍ଚଳିକ ଓ କୃଷିଭିତ୍ତିକ । ଜ୍ୟୋତିଷ ଶାସ୍ତ୍ରର ତଥ୍ୟ ମୁତାବକ କୃତ୍ତିକା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚନ୍ଦ୍ର ମାସକୁ କାର୍ତ୍ତିକ ମାସ କୁହାଯାଏ । ଆବହମାନ ସମୟରୁ ପୋଥି, ପୁରାଣରେ ପଢ଼ି ଆସିଛୁ ଓ ଶୁଣି ଆସିଛୁ ମଧ୍ୟ କାର୍ତ୍ତିକ ମାସ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ । ବେଦ ସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗାପରି ତୀର୍ଥ ନାହିଁ । କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ ମାସ । ଏହି କାର୍ତ୍ତିକ ପୂର୍ଣ୍ଣିମାରେ ଭଗବାନ ବିଷ୍ଣୁ ମତ୍ସ୍ୟ ରୂପ ଧାରଣ କରି ପୃଥିବୀକୁ ରକ୍ଷା କରିଥିଲେ । ଏହା ମଧ୍ୟ ଧର୍ମୀୟ ମାସ ହୋଇଥିବାରୁ ଗାଁରୁ ସହର ଯାଏଁ ସମସ୍ତ ନରନାରୀ ଏହାକୁ ନିଷ୍ଠାର ସହିତ ପାଳନ କରିଥାନ୍ତି । ପୁଣ୍ୟ କାର୍ତ୍ତିକରେ ଅନେକ ଦାନ ଧର୍ମ ମଧ୍ୟ କରିଥାନ୍ତି । ପୁରୁଷୋତ୍ତମ ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଧର୍ମ ସମ୍ପର୍କରେ ଆମ ମାନଙ୍କୁ ମାର୍ଗଦର୍ଶନ କରିଛନ୍ତି - ‘ଧର୍ମ ହେଉଛି ଶାଶ୍ୱତ ଜୀବନ, ଧର୍ମ ହେଉଛି ଉପଲବ୍ଧି କରିବା, ଅନୁଭୂତି ପାଇବା ଓ ଜ୍ଞାନ ଲାଭ କରିବା । ସକଳ ଧର୍ମର ମହତ୍ୱ ରହିଛି । ଧାର୍ମିକ ଜୀବନ ହେଉଛି ମନୁଷ୍ୟ ପକ୍ଷରେ ସବୁଠାରୁ ବଡ଼ ଆଶୀର୍ବାଦର ବିଷୟ ।’ ଧର୍ମ ବାସ୍ତବରେ ଆମ ମାନଙ୍କୁ ଦୁଃଖ ଓ ଯନ୍ତ୍ରଣାରୁ ଉଦ୍ଧାର କରେ । ଏହା ଶାଶ୍ୱତ ଶାନ୍ତି ପ୍ରଦାନ କରିଥାଏ ଏବଂ ମୁକ୍ତି ଓ ପୂର୍ଣ୍ଣତା ଆଡ଼କୁ ଆଗେଇ ନେଇଥାଏ । ଏହି ଧର୍ମ ଚେତନା ଆମ ମାନଙ୍କୁ ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତ କରିଥାଏ । ଧର୍ମ ହିଁ ଜୀବନକୁ ମୂଲ୍ୟବାନ କରିଦିଏ ଏବଂ ମନକୁ ପ୍ରେମ, ଭକ୍ତି, ଶାନ୍ତି ଓ ଆନନ୍ଦରେ ପୂର୍ଣ୍ଣ କରିଦିଏ । କାର୍ତ୍ତିକ ମାସରେ ଧର୍ମ ଚେତନାର ବଡ଼ ଆବାହନୀ ହେଉଛି ଆମେ ସମସ୍ତେ ଆମ ଆଚରଣରେ ସ୍ୱଧର୍ମ ପାଳନ କରିବା, ଜୀବନକୁ ନୀତିନିଷ୍ଠ କରିବା, ଇଶ୍ୱର ପରାୟଣ ଜୀବନ ଓ ଇଷ୍ଟ ସମର୍ପିତ ଜୀବନ ଏହି ଉପଲବ୍ଧିକୁ ଗ୍ରହଣ କରିବା ସହ ନିଜକୁ ଧର୍ମ ଜ୍ୟୋତିର ଉଜ୍ଜ୍ୱଳରେ ଉଦ୍ଭାସିତ କରିବା ।



ପ୍ରବୋଧନୀ ଏକାଦଶୀ ଦିନ, ବ୍ରହ୍ମ ମୁହୂର୍ତ୍ତରୁ ଉଠିବା ପରେ, ଗାଧୋଇ ସାରି ପରିଷ୍କାର ପୋଷାକ ପିନ୍ଧନ୍ତୁ । ଏହା ପରେ ଭଗବାନ କୃଷ୍ଣଙ୍କ ଫଟୋକୁ ପୂଜା ଘରେ ସ୍ଥାପନ କରନ୍ତୁ ଏବଂ ସମ୍ଭବ ହେଲେ ଭୀଷ୍ମଙ୍କ ପ୍ରତିମୂର୍ତ୍ତି କିମ୍ବା ଚିତ୍ର ସ୍ଥାପନ କରନ୍ତୁ । ଏହାପରେ ଉପବାସର ଶପଥ ନିଅନ୍ତୁ । ଏହାପରେ ଭଗବାନ କୃଷ୍ଣ ଏବଂ ଭୀଷ୍ମଙ୍କୁ ଚନ୍ଦନ ସିନ୍ଦୁର ଲଗାଇ ଫୁଲ ଏବଂ ଫଳ ଦିଅନ୍ତୁ । ଏହାପରେ ଶୁଦ୍ଧ ଘିଅ ଦ୍ୱୀପ ଲଗାନ୍ତୁ । ଏହି ଦ୍ୱୀପ ଅଖଣ୍ଡ ଜ୍ୟୋତି ହୋଇଥିବା ଦରକାର ଯାହା ପାଞ୍ଚ ଦିନ ଜଳିବା ଉଚିତ । ପଞ୍ଚମ ଦିନରେ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାରେ ଘରେ ହୋମ କରନ୍ତୁ । ଯାହାଦ୍ୱାରା ଘରେ ସୁଖ ଶାନ୍ତି ଲାଗି ରହିବ । ଏହି ଦିନ ଗରିବଙ୍କୁ ଦାନ ଧର୍ମ କରନ୍ତୁ ଯାହା ଫଳରେ ପୂର୍ବରୁ କରିଥିବା କିଛି ପାପର କ୍ଷୟ ହୋଇଯିବ । ଏହି ଉପବାସକୁ ପାଳନ କରି ସମସ୍ତ ଇଚ୍ଛା ପୂରଣ ହେବ ବୋଲି ବିଶ୍ୱାସ କରାଯାଏ । ପୁଣ୍ୟମୟ କାର୍ତ୍ତିକ ମାସ ବାରମାସ ମଧ୍ୟରେ ଶ୍ରେଷ୍ଠ ଓ ଆଧ୍ୟାତ୍ମିକ ଏହି ପୁଣ୍ୟ କାର୍ତ୍ତିକର ପବିତ୍ର ଆବାହନୀ ଆମ ସମସ୍ତଙ୍କୁ ଈଶ୍ୱରାଭିମୁଖୀ ଓ ସମାଜର ମଙ୍ଗଳ କାମନା ନିମିତ୍ତ ଉତ୍ସର୍ଗୀତ ହେବାର ରାସ୍ତା ଦେଖାଉ ଏହା ହିଁ ପ୍ରାର୍ଥନା

ମହାନଦୀ ବିହାର, କଟକ

ବାଲିଯାତ୍ରା : ଦରିଆ ପାରିରେ ସାଧବ ପୁଅ ଆଉ କଟକର ସାହି

ବିପିନ ରାଉତ

ହଜାର ବର୍ଷର ସହର ଏହି କଟକ ମାଟି । ସହରର ଦୁଇପଟେ ଛଳ ଛଳ ଦୁଇ ନଦୀ ପ୍ରତିଟି କଟକିଆଙ୍କ ଜୀବନର ଶ୍ୱାସପ୍ରଶ୍ୱାସର ଅତି ଅନ୍ତରଙ୍ଗ ଅତି ଆପଣାର । ପୁଣ୍ୟମାସ କାର୍ତ୍ତିକର ଶେଷ ଅବସରଟି ହେଉଛି ଗଡ଼ଗଡ଼ିଆ ଘାଟ ମହାନଦୀ କୂଳରେ କେବଳ ଓଡ଼ିଶା ପ୍ରସିଦ୍ଧ ନୁହଁ ବିଶ୍ୱର ଅତି ଉତ୍କଣ୍ଠା ଓ ଆବେଗର ମେଳା ଓ ମିଳନ କ୍ଷେତ୍ର ‘ବାଲିଯାତ୍ରା’ । ବାଲିଯାତ୍ରା ସହ କେବଳ କଟକିଆଙ୍କର ନୁହଁ ଓଡ଼ିଶାର ଯେଉଁଠି ବି ଝିଅ ଝିଆଣୀ ଥାଆନ୍ତି, ବନ୍ଧୁଘର ହେଉ ଏହି ବାଲିଯାତ୍ରା ହିଁ ସମସ୍ତଙ୍କୁ ଟାଣିଆଣେ । ଦିନଥିଲା ଆମ ଓଡ଼ିଆ ସାଧବ ପୁଅ ବେପାର ବଣିଜ ପାଇଁ ଦରିଆ ପାରି କରି ପ୍ରାୟତଃ ଦକ୍ଷିଣ ପୂର୍ବ ଏସିଆ ଯାତ୍ରା କରୁଥିଲେ । ସେମାନେ ଯବଦ୍ୱୀପ (ଜାଭା), ବରୁଣଦ୍ୱୀପ (ବୋର୍ଣ୍ଣିଓ) ଓ ସ୍ୱର୍ଣ୍ଣଦ୍ୱୀପ (ସୁମାତ୍ରା)କୁ ଯାତ୍ରା କରୁଥିବାର ପ୍ରମାଣ ମିଳେ । ବଳିଦ୍ୱୀପର ଅପଭ୍ରଂଶ ହେଉଛି ବାଲିଦ୍ୱୀପ । ସାଧବାଣୀଙ୍କ ସଙ୍ଗୋଳା ଅବସର ହିଁ ବାଲିଯାତ୍ରାକୁ ସ୍ମରଣ କରେ । ଏହି ଗୌରବମୟ ପରମ୍ପରା ହେଉଛି ଐତିହାସିକ କଟକ ବାଲିଯାତ୍ରା । କଟକରେ ସାଧବ ପୁଅଙ୍କ ନୌବାଣିଜ୍ୟ ଯାତ୍ରା ପଛରେ ଅନେକଙ୍କ ଅବଦାନ ଥିଲା । ଦରିଆପାରି ପାଇଁ ଦରକାର ପଡୁଥିବା ଡଙ୍ଗାକୁ ତିଆରି କରୁଥିବା କାରିଗର ହେଉ ବା ତଲେଇ (ପାଲ ବାନ୍ଧିବା), ମାଲ ପରିବହନ କରିବା କ୍ଷେତ୍ରରେ ଅଣ୍ଟା ଭିଡ଼ି ଝାଳବୁହା ପରିଶ୍ରମ କରୁଥିବା ସମସ୍ତେ ଏହି ନୌବାଣିଜ୍ୟ ପରମ୍ପରାର ଅଂଶ ହୋଇ ରହିଛନ୍ତି । ଅନେକ ହୁଏତ ଜାଣିନଥିବେ କଟକ ସହରରେ ଏମିତି କିଛି ଗରିମାମୟ ସାହି ରହିଛି ଯାହାର ଏହି ନୌବାଣିଜ୍ୟ ପରମ୍ପରା ସହିତ ଅତୁଟ ଓ ଘନିଷ୍ଠ ସମ୍ପର୍କ ।

କଟକ ହେଉଛି ‘ବାଉନ ବଜାର ତେପନ ଗଳି’ର ସହର । କଟକର ବିଭିନ୍ନ ସାହି ଭିତରେ ‘ଥୋରିଆ ସାହି ଅନ୍ୟତମ । ଏହାର ଗୋଟିଏ ପଟ ମଙ୍ଗଳାବାଗକୁ ଛୁଇଁଥିବାବେଳେ ଅନ୍ୟ ପଟ ବଜ୍ରକବାଟି, ଆରପଟଟି ବକ୍ସି ବଜାରକୁ ଛୁଇଁଛି । ଅତୀତରେ ଏହି ଥୋରିଆ ସାହିରେ ଅନେକ ଶଗଡ଼ ରହିଥିଲା । ଏଠାରେ ରହୁଥିବା ଅନେକ ବିଭିନ୍ନ ଆଡୁ ଓ ଖାନଦାନୀ କଟକିଆ ସେମାନଙ୍କ ଭିତରୁ ଅନେକ ଶଗଡ଼ ମାଧ୍ୟମରେ ମାଲ ପରିବହନ କରି ଗୁଜୁରାଣ ମେଣ୍ଟାନ୍ତି । ସେତେବେଳେ ଗୋଟିଏ ବଳଦ ଦ୍ୱାରା ହିଁ ଶଗଡ଼ ଚାଲୁଥିଲା । ଗୋଟିଏ ବଳଦ ଟାଣୁଥିବା ଶଗଡ଼କୁ ଭାଷାକୋଷର ବର୍ଣ୍ଣନା ଅନୁଯାୟୀ ‘ଥୋରିଆ’ କୁହାଯାଏ । ଏହି ଥୋରିଆଙ୍କର ଗୋଠ ରହିଥିବାରୁ ଏହାର ନାମକରଣ ଥୋରିଆ ସାହି ହୋଇଥିବା ଜଣାପଡ଼େ । ସାଧବ ପୁଅଙ୍କ ସାମଗ୍ରୀ ପରିବହନ ପାଇଁ ଏହି ଥୋରିଆ ଶଗଡ଼ ସହାୟକ ହୋଇଥାଏ । ସେ ସମୟର ସଂକୀର୍ଣ୍ଣ ରାସ୍ତା ଓ ସ୍ୱଳ୍প ମୂଲ୍ୟରେ ଅଧିକ ପରିବହନ ଏହାକୁ ଭାବି ସାଧବ ପୁଅ ସେମାନଙ୍କ ସାମଗ୍ରୀ ପରିବହନ କରୁଥିଲେ । ଚାଉଳିଆଗଞ୍ଜ, ଖାନନଗର ଓ ସହରର ବିଭିନ୍ନ ଅଞ୍ଚଳରେ ରହୁଥିବା ସାଧବ ପୁଅଙ୍କ ଘର ଓ ମାଲଗୋଦାମରେ ମଧ୍ୟ ପହଞ୍ଚାଇ ଦିଆଯାଏ ।

ସାଧବ ପୁଅଙ୍କ ବେପାର ବଣିଜ ସହିତ ବର୍ତ୍ତମାନର ‘ବଡ଼େଇ ସାହି’ର ମଧ୍ୟ ଏକ ଭାବଗତ ସମ୍ପର୍କ ରହିଛି । ସେତେବେଳେ ଏହାର ନାମ ଥିଲା ‘ପଥୁରିଆ ସାହି’ । ସାହିର ନାମ ସିନା ପଥୁରିଆ କିନ୍ତୁ ଏଠାରେ ଅନେକ ବ୍ୟକ୍ତି କାଠ କାମ କରିଥାନ୍ତି । ଏହି ସାହିର ବଢ଼େଇ କାରିଗରମାନେ ସାଧବ ପୁଅଙ୍କ ବୋଇତ, ନୌକା ଦୀର୍ଘଯାତ୍ରାକୁ ଲକ୍ଷ୍ୟରେ ରଖି ତିଆରି କରିଥାନ୍ତି । ଦିନଥିଲା ଗଡ଼ଗଡ଼ିଆ ଘାଟଥିଲା ବୋଇତ ତିଆରି ଶାଳ । ବୋଇତ ତିଆରି କରିବା ପାଇଁ ଶହେ ଦିନିଆ ଶିବିର ପଡୁଥିଲା । ବଢ଼େଇ ସାହିର କୁଶଳୀ କାରିଗର ପୁଅ ଏହ ଶିବିରରେ ବୋଇତ ତିଆରି କରିଥାନ୍ତି । ବର୍ତ୍ତମାନ ସମୟକୁ ଚିନ୍ତା କରନ୍ତୁ ସେ ସମୟରେ ବନା କୌଣସି ଜ୍ଞାନ କୌଶଳରେ ସାଧାରଣ କାରିଗରଙ୍କ ଦ୍ୱାରା ସାଧବ ପୁଅମାନେ ସୁଦୃଢ଼ ମଜଭୁତ ବୋଇତରେ ଦୀର୍ଘପଥ ସମୁଦ୍ରରେ ଯାତ୍ରା କରୁଥିଲେ । ‘କର୍ପୂର ଉଡିଯାଇଛି, କନା ପଡ଼ି ରହିଛି’ ଭାବରେ ଏବେ ବି ଏହି ସାହିର କିଛି ପୁରୁଖା ବଢ଼େଇ କାରିଗରମାନେ କୌଳିକ ବୃତ୍ତିରେ ରହିଛନ୍ତି ।

ସେହିପରି ଆଉ ଗୋଟିଏ ସାହି ହେଉଛି କେଶରପୁର । ସେ ସମୟରେ ବୋଇତ ଦୀର୍ଘଦିନ ଧରି ଯାତ୍ରା ବ୍ୟବସ୍ଥା ଥିବାରୁ ବର୍ଷା,ଖରା, ଶୀତରୁ ରକ୍ଷା ପାଇବା ପାଇଁ ତଳେଇ ବା ପାଲ ଦରକାର ପଡୁଥିଲା । ସେ ସମୟରେ କେଶରପୁରରେ ଏହି ବୋଇତ ପାଇଁ ପାଲ ତିଆରି କରୁଥିବା କାରିଗରଙ୍କୁ ‘ଦର୍ଜି ବୋଇତ’ ଭାବେ ଅନେକ ଜାଣନ୍ତି । ବୋଇତ ବା ଡଙ୍ଗା ତିଆରି ପରେ ତଳେଇ ସିଲେଇ କାମ ଆରମ୍ଭ ହୋଇଥାଏ । ତଳେଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଉଛି ଏହାର ବନ୍ଧା ହେବାପରେ ପବନର ଦିଗକୁ ଧରିଥାଏ । ଅନେକ ଐତିହାସିକ ଓ ଗବେଷକ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ହିନ୍ଦୁ ଓ ମୁସଲମାନ ଉଭୟ କାରିଗରମାନେ ବୋଇତ ତିଆରିରେ ନିମଗ୍ନ ରହୁଥିଲେ । ଚଳିତ ବର୍ଷ ବାଲିଯାତ୍ରା ଆହୁରି ଭବ୍ୟ ଓ ଗରିମାମୟ ହେବାକୁ ଯାଉଛି । ମହାମହିମ ରାଷ୍ଟ୍ରପତି ଏହାର ଉଦଘାଟନ କରି କୋଟି କୋଟି ଓଡ଼ିଆଙ୍କୁ ଆନନ୍ଦ ଉଲ୍ଲାସର ପ୍ରେରଣା ହେବେ । ବାଲିଯାତ୍ରା ହେଉଛି ସମ୍ଭବତଃ ଏପରି ଏକ ବିଶ୍ୱସ୍ତରୀୟ ବିପଣୀ ଓ ମେଲଣ ମଞ୍ଚ ଯେଉଁଠି ଯାହା ଖୋଜିଲେ ତାହା ହିଁ ମିଳେ । ବାଲିଯାତ୍ରା ପଛରେ ଆଉ ଏକ ଘଟଣାକ୍ରମ ଓ କଥନିକା ମଧ୍ୟ କାଳ କାଳରୁ ରହି ଆସିଛି । ସେ ଦିନ କାର୍ତ୍ତିକ ତ୍ରୟୋଦଶୀ ଥିବାରୁ ଯାତ୍ରୀମାନେ ଆଶୁତୋଷ ଧବଳେଶ୍ୱରଙ୍କ ବଡ଼ ଓଷା ପାଳନ ସାରି, ଚତୁର୍ଦ୍ଦଶୀ ଦିନ ପିଠା ଭୋଗ ଖାଇ ବାରବାଟୀ ଗ୍ରାମ ନିକଟସ୍ଥ ବାଲିବନ୍ଧକୁ ଫେରୁଥିଲେ । ସେହି ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ଏକ ଯାତ୍ରା ବା ମେଳାର ଆୟୋଜନ ହେଉଥିଲା । ମେଳାରୁ ଘରକରଣା ଜିନିଷ ଆଦି କିଣି, ସେମାନେ ଫେରୁଥିଲେ ।

ବାଲିବନ୍ଧ ଉପରେ ଅନୁଷ୍ଠିତ ହେଉଥିବା ଯାତ୍ରା କ୍ରମେ ବାଲିଯାତ୍ରା ପାଲଟିଥିଲା । ଅଗଣିତ ଭକ୍ତଙ୍କର ମହାନଦୀରେ ସ୍ନାନ ପରେ ଗଡ଼ଗଡ଼େଶ୍ୱରଙ୍କ ଦର୍ଶନ ପରେ ବାଲିଯାତ୍ରାର ପାରମ୍ପରିକ ବିଧି । ଏହା କେଉଁ ଯୁଗରୁ ଗଡ଼ିଆସିଛି । କଟକର ସବୁଠାରୁ ବଡ଼ ପରିଚୟ କହିଲେ କେହି କେହି ବାଲିଯାତ୍ରାକୁ ମଧ୍ୟ କହିଥାନ୍ତି । ସତରେ ଐତିହାସିକ ବାଲିଯାତ୍ରା ବର୍ଷକୁ ବର୍ଷ ଯେଉଁପରି ନୂଆ ଭାବନାରେ, ନୂଆ ଠିକଣାରେ, ନୂଆ ବ୍ୟବସାୟରେ, ନୂଆ ଢଙ୍ଗରଙ୍ଗରେ ବଦଳି ବଦଳି ଚାଲିଛି ତାହା ଏକ ପ୍ରକାର ବିଶ୍ୱ ପ୍ରସିଦ୍ଧର ଗୌରବ ଆଣି ଦେଇଛି । ଅନେକ ହୁଏତ ଜାଣିଥିବେ ଏବେ ବି ଏହି ପ୍ରାଚୀନତମ ସହରରେ ଅନେକ ସାହି ରହିଛି ଯେଉଁ ଗୁଡ଼ିକ ଅବିକଳ ଗାଁର ଢଙ୍ଗରଙ୍ଗକୁ ନେଇ ଏବଂ ସେଥିରେ ଗ୍ରାମ୍ୟ ଚଳଣୀ ଓ ଜୀବନର ଚିତ୍ର । ବାଲିଯାତ୍ରା ଏପରି ଏକ ମିଳନ, ଫେଡ଼ାଣ, ମେହନତୀ ଓ ଫୁର୍ତ୍ତି ସହିତ ରୋଜଗାରର ଅବସର । ଏହି ମହାନଦୀର ମାଟି କିଛିଦିନ କୋଳେଇ ନିଏ, ଭିଡ଼ି ନିଏ ସମସ୍ତଙ୍କୁ ଯିଏ ତା’ସହିତ ଆନନ୍ଦ ଉଲ୍ଲାସ କାଟି ଗହଳି ଭଗିତରେ ନିଜକୁ ହଜାଏ ଆଉ ନିଜକୁ ବି ପାଇନିଏ..... । ଆଉ ସତରେ ବାଲିଯାତ୍ରା ଏପରି ଏକ ଜାଗା ଯେଉଁଠି ନିଜକୁ ନିଜେ ଜଣେ ହଜାଇ ଦିଏ... ଆଉ ନିଜକୁ ବି ଖୋଜି ପାଇପାରେ ଗହଳି ଭିତରୁ ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୦୬୬୬୪୫୩

ହବିଷ୍ୟ ପାଳନ

ଡକ୍ଟର ସୁରେଶ କୁମାର ନାୟକ

ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ - ଏଇ ଚାରିମାସ ହେଉଛି ସୂର୍ଯ୍ୟଙ୍କର ଅୟନାନ୍ତ କାଳ । ସମ୍ଭବତଃ ଏହି ଅୟନାନ୍ତ ଦିବସ ମାନଙ୍କରେ ସୌରବଙ୍କ ଉପାସନା କରାଯାଇଥାଏ । ପୌରାଣିକ ଅନୁଧ୍ୟାନରୁ ଏହି ଚାରିମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ । କୁମାର ପୂର୍ଣ୍ଣମୀ ପରଦିନ ଠାରୁ ଆରମ୍ଭ ହୁଏ କାର୍ତ୍ତିକ ମାସ । ଏହି ଦିନଠାରୁ ହବିଷ୍ୟାଳୀମାନେ ହବିଷ କରନ୍ତି । ସଧବା ଓ ବିଧବା ଉଭୟ ହବିଷ କରନ୍ତି । ହେଲେ ବିଧବା ମାନଙ୍କୁ ହବିଷ କରିବାର ଅଧିକ ଦେଖାଯାଏ ।

ବ୍ରାହ୍ମଣ କାର୍ତ୍ତିକ ମାସର ଆରମ୍ଭରେ ହବିଷ୍ୟାଳି ମାନଙ୍କୁ ସଂକଳ୍ପ କରନ୍ତି । ସଂକଳ୍ପ ପରେ ବ୍ରାହ୍ମଣଙ୍କୁ ହବିଷ୍ୟାଳିମାନେ ଦାନ (ସଞ୍ଚା) ଦିଅନ୍ତି । ବିଧବା ହବିଷ୍ୟାଳିମାନେ ବ୍ରାହ୍ମଣଙ୍କୁ ସଞ୍ଚା ଆକାରରେ ଲୁଗା (ଧୋତି), ପନିପରିବା, ଚାଉଳ ଓ ଦକ୍ଷିଣା ଦେଇଥାନ୍ତି । ହେଲେ ସଧବା ହବଷ୍ୟାଳିମାନେ ବ୍ରାହ୍ମଣଙ୍କୁ ସଞ୍ଚା ଆକାରରେ ଧୋତି, ଶାଢ଼ୀ, ଚୁଡ଼ି, ସିନ୍ଦୂର, ଅଳତା, ପନିପରିବା, ଚାଉଳ ଓ ଦକ୍ଷିଣା ଦେଇଥାନ୍ତି । ସଂକଳ୍ପ ସମୟରେ ବ୍ରାହ୍ମଣ ହବିଷ୍ୟାଳୀଙ୍କୁ ଗୋଟେ କୁଶବଟୁ ଦିଅନ୍ତି । ଉକ୍ତ କୁଶବଟୁ ହବିଷ୍ୟାଳିମାନେ ପୂଜା ସମୟରେ ପିନ୍ଧି ଠାକୁରଙ୍କୁ ପୂଜା କରନ୍ତି । ପୂଜା ପରେ ଏହାକୁ ଓହ୍ଲାଇ ଠାକୁରଙ୍କ ପାଖରେ ରଖି ଦିଅନ୍ତି ।

ହବିଷ୍ୟାଳିମାନେ ରାତି ୪ଟାରୁ ଉଠି ପୋଖରୀ ହେଉ କି ନାଳ କିମ୍ବା ନଦୀ କୂଳକୁ ଯାଇ ଗାଧାନ୍ତି । ପୂର୍ବରୁ ସେଠାରେ ତଳସୀ ଚଉରା ତିଆରି କରିଥାନ୍ତି । ଚଉରାମୂଳେ ବାଲୁଙ୍ଗାରେ ରାଇଦାମୋଦରଙ୍କର ମୂର୍ତ୍ତି କରି ପୂଜା କରନ୍ତି । ମୁରୁଜରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ଚିତ୍ର କରାଯାଏ । ଏହା ସହିତ ବଟ ପିପ୍ପଳୀ ଗଛ, ତୁଳସୀ ଗଛ ସହ ଅନ୍ୟ ଦେବଦେବୀଙ୍କ ମ



ସୋନିଆ ଗାନ୍ଧୀଙ୍କୁ ଟାର୍ଗେଟ୍ କଲେ ନିଶିକାନ୍ତ ଦୁବେ

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ୧୯୭୦ ଦଶକର ବହୁଚର୍ଚ୍ଚିତ 'ମାରୁତି ପ୍ରକଳ୍ପ' ପ୍ରସଙ୍ଗ ଉଠାଇ ବିଜେପି ସାଂସଦ ନିଶିକାନ୍ତ ଦୁବେ ଶନିବାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସରକାର ଉପରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ନିଜର 'କଂଗ୍ରେସର କଳା ଅଧ୍ୟାୟ' ସିରିଜର ୨୫୦ତମ ଭାଗରେ ଦୁବେ ଦାବି କରିଛନ୍ତି ଯେ, ସେତେବେଳେ ଜଣେ ବିଦେଶୀ ନାଗରିକ ହୋଇଥିବା ସତ୍ତ୍ୱେ ସୋନିଆ ଗାନ୍ଧୀ 'ମାରୁତି ଟେକ୍ନିକାଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍'ର ପରିଚାଳନା ନିର୍ଦ୍ଦେଶକ ତଥା ୫୦ ପ୍ରତିଶତ ଅଂଶୀଦାର ହୋଇଥିଲେ। ନିଶିକାନ୍ତ ଦୁବେ ନିଜ ପୋଷ୍ଟରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ଭାରତ ସରକାରଙ୍କ ନିୟମ ଅନୁଯାୟୀ କୌଣସି ବିଦେଶୀ ନାଗରିକ ଭାରତୀୟ କମ୍ପାନୀର ନିର୍ଦ୍ଦେଶକ ହୋଇପାରିବେ ନାହିଁ, ତେବେ ୧୯୭୦ ମସିହାରେ ସୋନିଆ ଗାନ୍ଧୀ କିପରି ନିର୍ଦ୍ଦେଶକ ହେଲେ ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ୧୯୭୦ ନଭେମ୍ବର ୨୧ ତାରିଖରେ ସଞ୍ଜୟ ଗାନ୍ଧୀ ସୋନିଆ ଗାନ୍ଧୀଙ୍କ କମ୍ପାନୀ ଏମଟିଏସ୍ ସହ ଏକ ଚୁକ୍ତିନାମା କରିଥିଲେ। କମ୍ପାନୀ ଆନୁଷ୍ଠାନିକ ଭାବେ ପ୍ରତିଷ୍ଠା ହେବା ପୂର୍ବରୁ ହିଁ ୧୯୭୮ ମସିହାରେ କାର ନିର୍ମାଣ ପାଇଁ ସରକାରୀ ଅନୁମତି ପତ୍ର ମିଳିଯାଇଥିଲା ଏବଂ ୧୯୭୯ ମସିହାରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜ ବୋହୂଙ୍କ କମ୍ପାନୀକୁ କାର ନିର୍ମାଣ କରିବାକୁ



କ୍ୟାବିନେଟ୍ ଆଦେଶ ଜାରି କରିଥିଲେ ବୋଲି ଦୁବେ ଦାବି କରିଛନ୍ତି।ବିଜେପି ସାଂସଦଙ୍କ ଅଭିଯୋଗ ଅନୁଯାୟୀ, ୧୯୭୨ ଏପ୍ରିଲ ୩ ତାରିଖରେ ସଞ୍ଜୟ ଗାନ୍ଧୀ କମ୍ପାନୀ କାର୍ଯ୍ୟରେ ଭାରତ ସରକାରଙ୍କ ଖର୍ଚ୍ଚରେ ବିଶ୍ୱ ଭ୍ରମଣ କରିଥିଲେ। ଏହାବ୍ୟତୀତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଭିତରେ ଏକ ଘରୋଇ କମ୍ପାନୀର ଅଫିସ୍ କିପରି ଖୋଲାଗଲା ଏବଂ ଇନ୍ଦିରା ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ତଥା ବ୍ୟକ୍ତିଗତ ସଚିବ ଆର.କେ. ଧୱନ କିପରି ଏହାର ନିର୍ଦ୍ଦେଶକ ହେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେତେବେଳର ହରିୟାଣା ସରକାରଙ୍କ ନିୟମ ଅନୁଯାୟୀ ବିଦେଶୀ ନାଗରିକଙ୍କ ନାମରେ ଜମି ଆବଣ୍ଟନ ହୋଇପାରୁ ନଥିବା ବେଳେ ୧୯୭୦ ମସିହାରେ ସୋନିଆ ଗାନ୍ଧୀଙ୍କୁ କିପରି ଜମି ଦିଆଯାଇଥିଲା, ସେନେଇ ମଧ୍ୟ ଦୁବେ ପ୍ରଶ୍ନ ଉଠାଇଛନ୍ତି। କେବଳ ସେତିକି ନୁହେଁ, ଗାନ୍ଧୀ ପରିବାର ସହ ଜଡ଼ିତ କମ୍ପାନୀଗୁଡ଼ିକୁ ଋଣ ଯୋଗାଇ ଦେବା ପାଇଁ ହିଁ ବ୍ୟାଙ୍କ ଜାତୀୟକରଣ କରାଯାଇଥିଲା କି ବୋଲି ନିଶିକାନ୍ତ ଦୁବେ ପ୍ରଶ୍ନ କରିଛନ୍ତି। କମ୍ପାନୀ କାର୍ଯ୍ୟକ୍ଷମ ହେବା ପୂର୍ବରୁ ବସ୍ ବଡି ନିର୍ମାଣ ପାଇଁ ବିଭିନ୍ନ ରାଜ୍ୟ ସରକାରଙ୍କୁ ଅଗ୍ରୀମ ଅର୍ଥ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ସରକାରୀ କମ୍ପାନୀଗୁଡ଼ିକ ବିନା ଦେୟରେ ମାରୁତିକୁ ସିମେଣ୍ଟ, ଇସ୍ପାତ ଓ କୋଇଲା ଯୋଗାଇ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ନିଜର କୌଣସି ପୁଞ୍ଜି ନିବେଶ ନକରି ଏବଂ ଇନ୍ଦିରା ଗାନ୍ଧୀଙ୍କ ଅନୁକମ୍ପାରୁ କିପରି ଏତେ ବଡ଼ କମ୍ପାନୀ ଗଢ଼ି ଉଠିଥିଲା, ସେ ବିଷୟରେ ସୋନିଆ ଗାନ୍ଧୀ ନିଜ ପୁସ୍ତକରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ବିଜେପି ସାଂସଦ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୧୯୭୭ ମସିହାରେ ସଞ୍ଜୟ ଗାନ୍ଧୀଙ୍କ ମାରୁତି ପ୍ରକଳ୍ପ ବିବାଦର ତଦନ୍ତ ପାଇଁ ଏକ ତଦନ୍ତ କମିଶନ ମଧ୍ୟ ଗଠନ କରାଯାଇଥିଲା।

ସାଟେଲାଇଟ୍ ଇଣ୍ଟରନେଟ୍ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛନ୍ତି ରିଲାଏନ୍ସ ଜିଓ ଏବଂ ଷ୍ଟାରଲିଙ୍କ୍

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ଭାରତରେ ଡିଜିଟାଲ୍ ସଂଯୋଗର ଭବିଷ୍ୟତକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ରିଲାଏନ୍ସ ଜିଓ ଏବଂ ଏଲୋନ୍ ମସ୍କଙ୍କ ଷ୍ଟାରଲିଙ୍କ ଉଭୟ ଦେଶରେ ସାଟେଲାଇଟ୍-ଆଧାରିତ ଇଣ୍ଟରନେଟ୍ ସେବା ଆରମ୍ଭ କରିବା ପାଇଁ ପୂର୍ଣ୍ଣ ପ୍ରସ୍ତୁତି ଚଳାଇଛନ୍ତି। ଶିଳ୍ପ ଜଗତର ଏହି ଦୁଇଟି ବଡ଼ କମ୍ପାନି ସୁଲଭ ଯୋଜନା ଏବଂ ଉନ୍ନତ କଭରେଜ୍ ପ୍ରଦାନ କରିବା ପ୍ରତିଶ୍ରୁତି ସହ ପରସ୍ପର ସହ ପ୍ରତିଯୋଗିତା କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏହା ବ୍ୟତୀତ ତୃତୀୟ କମ୍ପାନି 'ୱାନୱେବ୍' ମଧ୍ୟ ଲାଇସେନ୍ସ ହାସଲ କରିଛି, ଯାହା ବଜାରକୁ ଆହୁରି ଅଧିକ ସକ୍ରିୟ ଓ ପ୍ରତିଯୋଗିତାମୂଳକ କରିବ ବୋଲି ଚର୍ଚ୍ଚା ଚାଲିଛି।ସରକାର ପୂର୍ବରୁ ନିଶ୍ଚିତ କରିଛନ୍ତି ଯେ ରିଲାଏନ୍ସ ଜିଓ, ଷ୍ଟାରଲିଙ୍କ ଏବଂ ୱାନୱେବ୍ (ଏୟାରଟେଲ୍) ସାଟେଲାଇଟ୍ ଇଣ୍ଟରନେଟ୍ ସେବା ପରିଚାଳନା କରିବା ପାଇଁ ଆବଶ୍ୟକ ଲାଇସେନ୍ସ ପାଇସାରିଛନ୍ତି। ସେବା ଆରମ୍ଭ କରିବା ପୂର୍ବରୁ ଏହି ତିନୋଟି କମ୍ପାନିକୁ ସିକ୍ୟୁରିଟି କ୍ଲିୟରାନ୍ସ ଓ ସ୍ପେକ୍ଟ୍ରମର ନିଲାମ ପ୍ରକ୍ରିୟା ପୂରା କରିବାକୁ ହେବ। ଅଂଶଗ୍ରହଣ କରିବାକୁ ହେବ। ଏହି ପଦକ୍ଷେପଗୁଡ଼ିକର ଲକ୍ଷ୍ୟ ହେଉଛି ଭାରତରେ ଇଣ୍ଟରନେଟ୍ ସଂଯୋଗକୁ ସୁଦୃଢ଼ କରିବା ଏବଂ ବିଦେଶୀ ଅପରେଟରମାନଙ୍କ ଉପରେ ନିର୍ଭରଶୀଳତା ହ୍ରାସ କରିବା।ରିଲାଏନ୍ସ ଜିଓ ନିଜର ଏହି ପ୍ରକଳ୍ପକୁ 'ଜିଓସ୍ପେସ୍ଫାଇବର' ନାମ ଦେଇଛି। ଏହାର ଉଦ୍ଦେଶ୍ୟ ହେଉଛି ସମଗ୍ର ଭାରତରେ ଇଣ୍ଟରନେଟ୍ ସଂଯୋଗକୁ ମଜବୁତ କରିବା ଏବଂ ବିଦେଶୀ ସାଟେଲାଇଟ୍ ଅପରେଟରମାନଙ୍କ ଉପରେ ନିର୍ଭରଶୀଳତା କମାଇବା। କମ୍ପାନି ଦେଶୀ ସାଟେଲାଇଟ୍ ନିର୍ମାତା, ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍ ଏବଂ ବିଭିନ୍ନ ବଡ଼ କର୍ପୋରେଟ୍ ଗୋଷ୍ଠୀ ସହିତ ସହଭାଗିତା କରିବାକୁ ବିଚାର ଉଦ୍ୟମ କରୁଛି। ଷ୍ଟାରଲିଙ୍କ୍ ବିଶ୍ୱର ଅନେକ ଦେଶରେ, ଯେଉଁଥିରେ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଅନ୍ତର୍ଭୁକ୍ତ, ଉପଗ୍ରହ-ଆଧାରିତ ଇଣ୍ଟରନେଟ୍ ସେବା ଯୋଗାଇଥାଏ। ଏହି କ୍ଷେତ୍ରରେ ଏହା ଏକ ପ୍ରମୁଖ ଏବଂ ଅଭିଜ୍ଞ ସଂସ୍ଥା ଅଟେ। ତେବେ, ଭାରତୀୟ ବଜାର ଅନ୍ୟ ଦେଶଗୁଡ଼ିକ ଠାରୁ ଭିନ୍ନ। ତେଣୁ ଏଠାରେ ପ୍ରତିଯୋଗିତା କେବଳ ପ୍ରଯୁକ୍ତିବିଦ୍ୟା ଉପରେ ନୁହେଁ, ବରଂ ମୂଲ୍ୟ ନିର୍ଦ୍ଧାରଣ ଉପରେ ମଧ୍ୟ ନିର୍ଭର କରିବ। ଯୁକ୍ତରାଷ୍ଟ୍ର ଆମେରିକାରେ, ଷ୍ଟାରଲିଙ୍କର ଘରୋଇ ସେବା ମାସିକ ୫୫ ଡଲାରରୁ ଆରମ୍ଭ ହୁଏ, ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୫,୦୦୦ ଟଙ୍କା ସହ ସମାନ।ସାଟେଲାଇଟ୍-ଆଧାରିତ ଇଣ୍ଟରନେଟ୍ ସେବାର ସବୁଠାରୁ ବଡ଼ ସୁବିଧା ହେଉଛି ଏଥିରେ କୌଣସି ମୋବାଇଲ୍ ଟାୱାର କିମ୍ବା ଫାଇବର କେବୁଲ୍ ର ଆବଶ୍ୟକତା ନାହିଁ। ନିମ୍ନ ପୃଥିବୀ କକ୍ଷପଥରେ ଥିବା ସାଟେଲାଇଟ୍ ଗୁଡ଼ିକର ଏକ ସମୂହ ଏକ ନେଟୱାର୍କ ସୃଷ୍ଟି କରେ, ଯାହା ଛାତ ଉପରେ ସ୍ଥାପିତ ଏକ ଟର୍ମିନାଲ ମାଧ୍ୟମରେ ଆପଣଙ୍କ ଘରକୁ ଇଣ୍ଟରନେଟ୍ ସଂଯୋଗ ପ୍ରଦାନ କରେ। ଏହି ଟର୍ମିନାଲଟି ଏକ କେବୁଲ୍ ଦ୍ୱାରା ଏକ ୱାଇ-ଫାଇ ରାଉଟର ସହିତ ସଂଯୁକ୍ତ ହୋଇଥାଏ, ଯାହା ପରେ ସମଗ୍ର ଘରେ ଇଣ୍ଟରନେଟ୍ ସିଗନାଲ୍ ବଣ୍ଟନ କରିଥାଏ।

ଇରାକରେ ବିଦ୍ୟୁତ୍ କେନ୍ଦ୍ରରେ ଭୟଙ୍କର ଅଗ୍ନିକାଣ୍ଡ, ୪ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ଇରାକର ଦକ୍ଷିଣରେ ଥିବା ବସ୍ରା ସହରର ଏକ ବିଦ୍ୟୁତ୍ କେନ୍ଦ୍ରରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଚାରି ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏହି ଘଟଣାରେ ୩୦ ଜଣ ଆହତ ହୋଇଛନ୍ତି। ବସ୍ରା ସହରର ଉତ୍ତରରେ ଅବସ୍ଥିତ ଅଲ୍-ହାର୍ଥା ପାୱାର ଷ୍ଟେସନରେ ଏହି ଦୁର୍ଘଟଣା ଘଟିଛି। ନିଆଁ ଦ୍ରୁତ ଗତିରେ ବ୍ୟାପି ଷ୍ଟେସନ ଚାରିପାଖରେ ଥିବା ଆବାସିକ କୋଠାଗୁଡ଼ିକୁ ମଧ୍ୟ ଗ୍ରାସ କରିଥିଲା। ଫଳରେ ଅନେକ ଘର ଏବଂ ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବିଦ୍ୟୁତ୍ କେନ୍ଦ୍ରକୁ ଯୋଗାଣ କରୁଥିବା ଏକ ଗ୍ୟାସ୍ ପାଇପଲାଇନ୍‌ରେ ହଠାତ୍ ବିସ୍ଫୋରଣ ହୋଇ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା।ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆହତମାନଙ୍କୁ ଚିକିତ୍ସା ଲାଗି ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଆହତମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା କରାଯାଉଛି।ଇରାକର ଅଲ-ହାର୍ଥା ବିଦ୍ୟୁତ୍ କେନ୍ଦ୍ର ଦେଶର ପ୍ରମୁଖ ବିଦ୍ୟୁତ୍ କେନ୍ଦ୍ର ମଧ୍ୟରୁ ଗୋଟିଏ। ଏହାର ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ପ୍ରାୟ ୮୦୦ ମେଗାୱାଟ୍। ଦୁର୍ଘଟଣା ସମୟରେ ପ୍ରାୟ ୪୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଥିଲା। ଅଗ୍ନିକାଣ୍ଡ ଯୋଗୁଁ ପ୍ଲାଣ୍ଟଟି ବନ୍ଦ ହୋଇଯାଇଛି। ଫଳରେ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହୋଇଛି। ଇରାକୀ ଅଧିକାରୀମାନେ ଅଗ୍ନିକାଣ୍ଡର କାରଣ ତଦନ୍ତ କରୁଛନ୍ତି। ଇରାକୀ ସରକାର ଏପର୍ଯ୍ୟନ୍ତ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ କରିନାହାନ୍ତି। ଏହି ଘଟଣା ଦେଶର ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଉପରେ ପ୍ରଶ୍ନ ଉଠାଇଛି।

ପେରୁରେ ୬.୮ ତୀବ୍ରତାଯୁକ୍ତ ଶକ୍ତିଶାଳୀ ଭୂମିକମ୍ପ

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ ପେରୁରେ ୬.୮ ତୀବ୍ରତାଯୁକ୍ତ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ସ୍ଥାନୀୟ ସମୟ ଅନୁଯାୟୀ ଶୁକ୍ରବାର ସନ୍ଧ୍ୟାରେ ଭୂମିକମ୍ପ ହୋଇଥିଲା ଏବଂ ଏହାର ଝଟକା ରାଜଧାନୀ ଲିମା ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ଘର ଥରିବା ଯୋଗୁଁ ଲୋକେ ଭୟରେ ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ପେରୁର ଜିଓଫିଜିକ୍ସ ଇନଷ୍ଟିଚ୍ୟୁଟ୍ ଅନୁଯାୟୀ, ଆଣ୍ଡିଆନ୍ ଅଞ୍ଚଳର ଜୁନିନରେ ଭୂପୃଷ୍ଠର ୧୨୯ କିଲୋମିଟର ଗଭୀରରେ ଭୂମିକମ୍ପର କେନ୍ଦ୍ର ଥିଲା। ମୃତାହତ କିମ୍ବା ସମ୍ପତ୍ତି କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳି ନାହିଁ। ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇନ୍ସ କହିଛି ଯେ, କୌଣସି ସୁନାମି ବିପଦ ନାହିଁ। ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ କେନ୍ଦ୍ର ନିଶ୍ଚିତ କରିଛି ଯେ କାଲିଫର୍ନିଆ, ଓରେଗନ୍, ୱାସିଂଟନ, ବ୍ରିଟିଶ୍ କଲମ୍ବିଆ କମ୍ବା ଆଲାସ୍କା ପାଇଁ କୌଣସି ସୁନାମି ବିପଦ ନାହିଁ।

ପେରୁର ଭୌଗୋଳିକ ସ୍ଥିତି ଏହାକୁ ଭୂମିକମ୍ପ ପ୍ରବଣ କରିଛି। ଏହା ପ୍ରଶାନ୍ତ ମହାସାଗରର ରିଙ୍ଗ୍ ଅଫ୍ ଫାୟାର ମଧ୍ୟରେ ରହିଛି। ଏହା ପ୍ରଶାନ୍ତ ମହାସାଗରର ୪୦ ହଜାର କିଲୋମିଟର ପରିବ୍ୟାପ୍ତ ଏକ ଅଞ୍ଚଳ। ଏହା ମଧ୍ୟରେ ଅନେକ ଆଗ୍ନେୟଗିରି ଏବଂ ଫଲ୍ଟ ରେଖା ଦ୍ୱାରା ରହିଛି। ବିଶ୍ୱର ଅଧିକାଂଶ ଭୂମିକମ୍ପ ଏହି ଅଞ୍ଚଳରେ ଘଟିଥାଏ।

ଖସୁଛି ସୁନା ଦର

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ସୁନା କିଣିବାକୁ ଯୋଜନା କରୁଥିବା ଗ୍ରାହକଙ୍କ ପାଇଁ ଆସିଛି ଖୁସି ଖବର । ଗତ କିଛିଦିନ ଧରି ସୁନା ଦରରେ ଲଗାତାର ହ୍ରାସ ଘଟୁଛି । ବିଶେଷକରି ଦୀପାବଳି ପରଠାରୁ ସୁନା ମୂଲ୍ୟରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି । ମାତ୍ର ୯ଟି କାରବାର ଦିବସ ମଧ୍ୟରେ ୧୦ ଗ୍ରାମ ସୁନା ପ୍ରାୟ ୧୭ ହଜାର ୬୦୦ ଟଙ୍କା ଶସ୍ତା ହୋଇଛି । ସେହିପରି ଦୀପାବଳି ପରଠାରୁ ୨୪ କ୍ୟାରେଟ୍ ସୁନା ଦର ପ୍ରାୟ ୧୮ ହଜାର ୫୦୦ ଟଙ୍କା କମିଥିବା ଜଣାପଡ଼ିଛି ।ଶୁକ୍ରବାର ସୁନା-ରୁପା ବଜାରରେ ୯୯.୯ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ ସୁନା ଦର ୫ ହଜାର ୨୦୦ ଟଙ୍କା ହ୍ରାସ ପାଇ ୧୦ ଗ୍ରାମ ପିଛା ୧ ଲକ୍ଷ ୨୯ ହଜାର ୩୦୦ ଟଙ୍କାରେ ପହଞ୍ଚିଥିଲା । ଏହାର ପୂର୍ବ କାରବାର ଦିବସରେ ସୁନା ଦର ୧ ଲକ୍ଷ ୩୪ ହଜାର ୫୦୦ ଟଙ୍କା ରହିଥିଲା । ଲଗାତାର ନବମ କାରବାର ଦିବସରେ ସୁନା ଦର ହ୍ରାସ ପାଇଥିବାରୁ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଥିବା ବେଳେ ସାଧାରଣ ଗ୍ରାହକଙ୍କୁ ଏହା ଚମକାଇ ଦେଇଛି ।

ନୀତିଶ ସେତୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ବିହାରର ରାଘୋପୁରରେ ନୀତିଶ ସେତୁର ଉଦଘାଟନ କରିଛନ୍ତି। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନାଁରେ ନାମିତ ଏହି ସେତୁ ଉଦ୍‌ଘାଟନ ପୂର୍ବରୁ ବିବାଦରେ ରହିଛି। ପ୍ରଧାନମନ୍ତ୍ରୀ ପାଟନାର କାଚି ଦରଘାରୁ ରାଘୋପୁର ଦେଇ ବୈଶାଳୀର ବିଦୁପୁର ପର୍ଯ୍ୟନ୍ତ ଗଙ୍ଗା ନଦୀ ଉପରେ ୪୧୮୦ କୋଟି ଟଙ୍କାରେ ନିର୍ମିତ ୯.୬୬ କିମି ଲମ୍ବା ସେତୁ ଉପରେ କିଛି ସମୟ ପାଇଁ ଅଟକିଥିଲେ ଓ ଗାମୁଛା ହଲାଇ ଜନସାଧାରଣଙ୍କୁ ଅଭିବାଦନ ଜଣାଇଥିଲେ। ଏହି ଅବସରରେ ବିହାର ରାଜ୍ୟପାଳ ସୟଦ ଅତା ହସନେନ୍, ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ଉପମୁଖ୍ୟମନ୍ତ୍ରୀ ବିଜୟ ଚୌଧୁରୀ ଓ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶୱାନ ପ୍ରମୁଖ ଉପସ୍ଥିତ ଥିଲେ। ସେତୁ ଉଦଘାଟନ କରିବା ପରେ ପ୍ରଧାନମନ୍ତ୍ରୀ ବୈଶାଳୀ ଜିଲ୍ଲାର ରାଜାପାକରରେ ଅବସ୍ଥିତ ଜାଫରପଟ୍ଟି ଗ୍ରାମରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ରାଘୋପୁର ବିଧାୟକ ତଥା ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର କାର୍ଯ୍ୟକାରୀ ସଭାପତି ତେଜସ୍ୱୀ ଯାଦବଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯାଇଥିଲା,



କିନ୍ତୁ ସେ ଯୋଗ ଦେଇ ନଥିଲେ।ପ୍ରଧାନମନ୍ତ୍ରୀ ସେତୁରେ ପହଞ୍ଚିବା ପୂର୍ବରୁ ପାଟନା ବିମାନବନ୍ଦରରେ ନୀତୀଶ କୁମାରଙ୍କ ମଧ୍ୟ ଭେଟିଥିଲେ। ପ୍ରଧାନମନ୍ତ୍ରୀ ସଡ଼କ ସଂଯୋଗ, ଶକ୍ତି, ସହରାଞ୍ଚଳ ଭିତ୍ତିଭୂମି, ଜଳସମ୍ପଦ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ କ୍ଷେତ୍ର ସହିତ ଜଡ଼ିତ ଅନ୍ୟାନ୍ୟ ବିକାଶ ପ୍ରକଳ୍ପର ଉଦଘାଟନ କରିଛନ୍ତି। ବିହାରରେ ସ୍ୱଚ୍ଛ ସାର୍ବଜନୀନ ପରିବହନକୁ ବୃଦ୍ଧି କରିବା ପାଇଁ ୧୦୦ ପିଏମ୍ ଇ-ବସ୍‌କୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।ସେତୁର ନାମକରଣକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଶାସକ ବିଜେପି-ଜେଡି(ୟୁ) ମେଣ୍ଟ ଓ ବିରୋଧୀ ଆରଜେଡି ଏହି ପ୍ରକଳ୍ପର ଶ୍ରେୟ କିଏ ପାଇବାକୁ ଯୋଗ୍ୟ ସେ ଉପରେ ବିବାଦ କରୁଛନ୍ତି। ଆରଜେଡି ନେତା ତେଜସ୍ୱୀ ଯାଦବ ଅଭିଯୋଗ କରିଛନ୍ତି ଯେ, ସେତୁର ନାମ ନୀତୀଶ କୁମାରଙ୍କ ନାଁରେ କରି ବିଜେପି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ କ୍ୟାରିଅର ଶେଷ ହୋଇଯାଇଛି ବୋଲି ସଙ୍କେତ ଦେବାକୁ ଚେଷ୍ଟା କରୁଛି। ଅନ୍ୟପକ୍ଷରେ ବିଜେପି କହିଛି ଯେ, ଏହି ସେତୁ ନୀତୀଶ କୁମାରଙ୍କ ନେତୃତ୍ୱରେ ବିକାଶର ପ୍ରମାଣ ଓ ତେଜସ୍ୱୀଙ୍କୁ ଦାୟିତ୍ୱହୀନ ନେତା ବୋଲି କହି ତାଙ୍କ ପରିବାର ଉପରେ ଦୁର୍ନୀତିର ଅଭିଯୋଗ ଆଣିଛି।ଅନ୍ୟପକ୍ଷରେ ଦଶମ ଶିଖ ଗୁରୁ ଗୁରୁ ଗୋବିନ୍ଦ ସିଂହଙ୍କ ପରିବର୍ତ୍ତେ ନୀତିଶ କୁମାରଙ୍କ ନାମରେ ସେତୁର ନାମକରଣ ପାଇଁ ବିଜେପିକୁ ସମାଲୋଚନା କରି କଂଗ୍ରେସ ନେତା ପବନ ଖେଡ଼ା କହିଛନ୍ତି ଯେ, ଏହା ଶିଖ ସମ୍ପ୍ରଦାୟର ଭାବନାକୁ ଆଘାତ ଦେଇଛି। ତେଜସ୍ୱୀଙ୍କ ମନ୍ତବ୍ୟକୁ ସମର୍ଥନ କରି ନୀତିଶ କୁମାରଙ୍କ ମୃତ୍ୟୁ ପରେ ଯାହା କରାଯାଇଥାନ୍ତା, ତାକୁ ତାଙ୍କ ଜୀବନକାଳରେ କରାଯିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ନୀତୀଶଙ୍କୁ ରାଜନୀତିର ମୁଖ୍ୟ ଧାରାରୁ କାହିଁକି ହଟେଇ ଦିଆଯାଉଛି ବୋଲି ଖେଡ଼ା ପ୍ରଶ୍ନ କରିଛନ୍ତି। ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ସେତୁ ନିର୍ମାଣ ପାଇଁ ନୀତୀଶ କୁମାରଙ୍କୁ ଶ୍ରେୟ ଦେଇଛନ୍ତି। ଏହାସହିତ ସେତୁ ଉଦଘାଟନ ପୂର୍ବରୁ ଏନଡିଏ ପୋଷ୍ଟରରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ କମ୍ ଗୁରୁତ୍ୱ ଦିଆଯାଇଥିବା ଅଭିଯୋଗ କରି କିଶୋର କହିଛନ୍ତି ଯେ, ବିଜେପି ଧୀରେ ଧୀରେ ନୀତିଶ କୁମାରଙ୍କ ଦଳକୁ ରାଜନୈତିକ ଭାବରେ ଗିଳି ଦେଉଛି।

ରିୟାଦ ଉପରେ ପୁଣି ହୁତି ବିଦ୍ରୋହୀଙ୍କ କ୍ଷେପଣାସ୍ତ୍ର ଆକ୍ରମଣ ଉଦ୍ୟମ

**ନୂଆଦିଲ୍ଲୀ,୨୨।୧୧(ଏଜ



ଧର୍ମଶାଳାରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ସମାରୋହ

ଚଣ୍ଡିଖୋଲ,୨୨/୧୧ (ନି.ପ୍ର) : ଧର୍ମଶାଳା ଯାଜପୁର ଜିଲ୍ଲାର ପ୍ରାଚିପୁର ଅଭିମୁଖେ ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀଯୁକ୍ତ ମନମୋହନ ସାମଲ ଯାଉଥିବା ସମୟରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକା ପ୍ରୟାଗ ମଣ୍ଡପ ଠାରେ ତାଙ୍କୁ ଜନସାଧାରଣଙ୍କ ପକ୍ଷରୁ ଉଷ୍ମ ଓ ଭବ୍ୟ ସ୍ୱାଗତ କରାଯାଇଥିଲା। ଧର୍ମଶାଳା ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମରେ ହଜାର ହଜାର ଜନସାଧାରଣ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ରାଜ୍ୟ ବିଜେପି ସଭାପତିଙ୍କ ଗାଡ଼ି ଧର୍ମଶାଳା ଅଞ୍ଚଳରେ ପହଞ୍ଚିବା ମାତ୍ରେ ଜନସମାଗମ ମଧ୍ୟରେ ଉତ୍ସାହର ଲହରୀ ଖେଳିଯାଇଥିଲା। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଏହି ଗସ୍ତକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ଏହି ଅବସରରେ ଯାଜପୁର ସାଂସଦ ଡ. ରବି ନାରାୟଣ ବେହେରା, ଜିଲ୍ଲା ସଭାନେତ୍ରୀ ଦେବଜାନୀ ପ୍ରଧାନ,



କୋରେଇ ବିଧାୟକ ଆକାଶ ଦାସ ନାୟକ ଉପସ୍ଥିତ ଥିଲେ। ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଜନସାଧାରଣଙ୍କ ଏକତ୍ରିତ ହୋଇ ରାଜ୍ୟ ବିଜେପି ସଭାପତିଙ୍କୁ ସମ୍ମାନ ଓ ଶୁଭେଚ୍ଛା ଜଣାଇଥିଲେ। ଧର୍ମଶାଳାର ଏହି ଜନସମୁଦ୍ର ଶ୍ରୀଯୁକ୍ତ ସାମଲଙ୍କ ପ୍ରତି ଅଞ୍ଚଳବାସୀଙ୍କ ଭଲପାଇବା, ଆସ୍ଥା ଓ ଆଶାର ଏକ ଉଜ୍ଜ୍ୱଳ ଚିତ୍ର ପ୍ରଦର୍ଶନ କରିଥିଲା।

ନବରଙ୍ଗପୁରରେ ଟିପିଏସ୍ଓଡିଏଲ୍‌ର ସୋଲାର ରଥ ଶୁଭାରମ୍ଭ

ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନାର ପ୍ରଚାର ପାଇଁ ସୋଲାର ରଥ ଜିଲ୍ଲାର ସମସ୍ତ ୧୦ଟି ବ୍ଲକ୍ ପରିକ୍ରମା କରିବ

ବ୍ରହ୍ମପୁର, ୨୨।୧୧ (ନି.ପ୍ର) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନକୁ ଅଧିକ ଲୋକପ୍ରିୟ କରିବା ଏବଂ ଏହା ସମ୍ପର୍କରେ ଜନସଚେତନତା ବୃଦ ିକରିବା ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲ୍ଲାରେ ସୋଲାର ରଥ ଆରମ୍ଭ କରାଯାଇଛି। ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ମଧୁମିତା ଏହି ସୋଲାର ରଥକୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଉଦ୍‌ଘାଟନ କରି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଟିପିଏସ୍ଓଡିଏଲ୍‌ର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୋଲାର ରଥ ନବରଙ୍ଗପୁର ଜିଲ୍ଲାର ସମସ୍ତ ୧୦ଟି ବ୍ଲକ୍ ନବରଙ୍ଗପୁର, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି, ପାପଡ଼ାହାଣ୍ଡି, କୋଷାଗୁମ୍ପଡ଼ା, ଡାବୁଗାଁ, ଉମରକୋଟ, ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି—ପରିକ୍ରମା କରିବ। ଗ୍ରାମ ପଞ୍ଚାୟତ, ସ୍ଥାନୀୟ ବଜାର ଓ ଗାଁଗୁଡ଼ିକରେ



ପହଞ୍ଚି ଏହି ଅଭିଯାନ ମାଧ୍ୟମରେ ଗ୍ରାହକମାନଙ୍କୁ ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନର ସୁବିଧା, ଉପଲବ୍ଧ ସରକାରୀ ସବ୍ ?ସିଡି ଏବଂ ସ୍ୱଚ୍ଛ ଶକ୍ତି ବ୍ୟବହାରର ଦୀର୍ଘମିଆଦୀ ଲାଭ ବିଷୟରେ ସଚେତନ କରାଯିବ। ଜନସଚେତନତା ଅଭିଯାନକୁ ଆହୁରି ସୁଦୃଢ଼ କରିବା ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ଜିଙ୍ଗଲ୍ ?ସ ପ୍ରସାରଣ ସହ ସୋଲାର ସାଙ୍ଗଙ୍କ ମାଧ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ପ୍ରଚାର ପତ୍ର ବଣ୍ଟନ କରାଯିବ। ଏହାଦ୍ୱାରା ଜିଲ୍ଲାର ପ୍ରତ୍ୟେକ ଘରେ ଏହି ଯୋଜନା ସମ୍ପର୍କିତ ସୂଚନା ପହଞ୍ଚାଇବାକୁ ଉଦ୍ୟମ କରାଯିବ। ଏହି ଅବସରରେ ଟିପିଏସ୍ଓଡିଏଲ୍‌ର ସିଇଓ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ଆମର ଲକ୍ଷ୍ୟ ହେଉଛି ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନର ସୁବିଧା ଅଧିକରୁ ଅଧିକ ଘରକୁ ପହଞ୍ଚାଇବା, ବିଶେଷକରି ଦକ୍ଷିଣ ଓଡ଼ିଶାର ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ। ସୋଲାର ରଥ ଲୋକଙ୍କ ପାଖରେ ସିଧାସଳଖ ସଚେତନତା ପହଞ୍ଚାଇବା ଏବଂ ସୌରଶକ୍ତି ବ୍ୟବହାରର ଆର୍ଥିକ ଓ ପରିବେଶଗତ ଲାଭ ବିଷୟରେ ଗ୍ରାହକମାନଙ୍କୁ ବୁଝାଇବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନିରନ୍ତର ଜନସଚେତନତା ଓ ଗ୍ରାହକଙ୍କ ସହ ଯୋଗାଯୋଗ ମାଧ୍ୟମରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନାରେ ଅଧିକ ଲୋକଙ୍କୁ ସାମିଲ କରିବା ସହ ଏକ ସ୍ୱଚ୍ଛ, ସବୁଜ ଓ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ଭାରତ ଗଠନର ଲକ୍ଷ୍ୟରେ ଆମେ ଯୋଗଦାନ କରିବାକୁ ଚାହୁଁଛୁ।" ଏହି ପଦକ୍ଷେପ ମାଧ୍ୟମରେ ଟିପିଏସ୍ଓଡିଏଲ୍ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ଅଧିକ ସଚେତନତା ମାଧ୍ୟମରେ ଗ୍ରାହକମାନଙ୍କୁ ସଶକ୍ତ କରିବା ଜାରି ରଖିଛି। ଏଥିସହ ଦକ୍ଷିଣ ଓଡ଼ିଶାରେ ସ୍ଥାୟୀ ଶକ୍ତି ସମାଧାନର ବ୍ୟବହାରକୁ ତ୍ୱରାନ୍ୱିତ କରିବା ଦିଗରେ କମ୍ପାନୀ ଲକ୍ଷ୍ୟ ରଖିଛି। ଏହି ଉଦ୍ ?ଘାଟନୀ କାର୍ଯ୍ୟକ୍ରମରେ ଶ୍ରୀ ମିଲିନ୍ଦ ପ୍ରଭାକର କୁଲକର୍ଣ୍ଣି, ଚିଫ୍ ଅପରେସନ, ଟିପିଏସ୍ଓଡିଏଲ୍; ଶ୍ରୀ ମନ୍ମଥ ନାଥ ମିଶ୍ର, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜୋନାଲ୍ ହେଡ୍, ଜୟପୁର; ଶ୍ରୀ ଟି. ତପନରଶ୍ମି ସୁବୁଦ୍ଧି, ସର୍କଲ୍ ହେଡ୍, ଜୟପୁର ଏବଂ ନବରଙ୍ଗପୁର ଇଲେକ୍ଟ୍ରିକାଲ ଡିଭିଜନ୍ ?ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ଅଶୋକ କୁମାର ରାଉତଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଜାୱା, ୟେଜଦି ଓ ବିଏସଏ ମୋଟରସାଇକେଲର ୧୨୫% ଅଭିବୃଦ୍ଧି, ଆସିବ ୪ଟି ନୂଆ ମଡେଲ

ଭୁବନେଶ୍ୱର, ୨୨।୧୧ (ନି.ପ୍ର) : ଜାୱା, ୟେଜଦି ଓ ବିଏସଏ ମୋଟରସାଇକେଲର ନିର୍ମାତା କମ୍ପାନୀ କ୍ଲାସିକ୍ ଲିଜେଣ୍ଡସ୍ ଭାରତର ଆଧୁନିକ କ୍ଲାସିକ୍ ମୋଟରସାଇକେଲ ବଜାରରେ ନିଜର ସ୍ଥିତି ମଜଭୁତ କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ କମ୍ପାନୀର ଘରୋଇ ବଜାରରେ ବିକ୍ରି ରହିଛି। ୨୦୧୮ରେ ଜାୱାକୁ ଭାରତୀୟ ବଜାରକୁ ଫେରାଇ ଆଣିବା ପରେ କମ୍ପାନୀ ୨୦୨୨ରେ ୟେଜଦି ଏବଂ ୨୦୨୪ରେ ବିଏସଏ ଗୋଲ୍ଡଷ୍ଟାର ୬୫୦କୁ ବଜାରରେ ଉପସ୍ଥାପନ କରିଥିଲା। ୨୦୧୯ରେ ୮୫ଟି ବିକ୍ରୟ କେନ୍ଦ୍ରରୁ ଆରମ୍ଭ ହୋଇଥିବା କମ୍ପାନୀର ନେଟୱର୍କ ଏବେ ଦେଶବ୍ୟାପୀ ୪୫୦ରୁ ଅଧିକ ବିକ୍ରୟ, ସେବା ଓ ଯନ୍ତ୍ରାଂଶ ଯୋଗାଣ କେନ୍ଦ୍ରରେ ପହଞ୍ଚିଛି। ୨୦୨୮ ଆର୍ଥିକ ବର୍ଷ ସୁଦ୍ଧା ଏହାକୁ ୭୦୦କୁ ବୃଦ୍ଧି କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଏଥିସହ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଥମ ଥର ପାଇଁ କମ୍ପାନୀ ଲାଭ ହାସଲ କରିଛି। ଆଗାମୀ ଦିନରେ ଚାରୋଟି ନୂଆ ମୋଟରସାଇକେଲ ମଡେଲ ବଜାରକୁ ଆଣିବା ସହ ଅସଲି ଯନ୍ତ୍ରାଂଶ ଯୋଗାଣ ଓ ବିକ୍ରୟ ପରବର୍ତ୍ତୀ ସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ କମ୍ପାନୀ ଯୋଜନା କରିଛି।



ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇଥିବାବେଳେ, ଅନ୍ତର୍ଜାତୀୟ ବଜାରକୁ ମିଶାଇ ମୋଟ ବ୍ୟବସାୟରେ ୫୫ ପ୍ରତିଶତ ଅଭିବୃଦ୍ଧି ହୋଇଛି। ସେହିପରି ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଉତ୍ପାମାସରେ ଏହି ତିନୋଟି ବ୍ରାଣ୍ଡର ଅଭିବୃଦ୍ଧି ପ୍ରାୟ ୧୨୫ ପ୍ରତିଶତ

ଓଷ୍ଟାର ୩୪ତମ ସାନ୍ନିଧ୍ୟାନିକ ସମ୍ମିଳନୀରେ ନବ ନିର୍ବାଚିତ ହୋଇଥିବା ପଦାଧିକାରୀମାନଙ୍କ ଶପଥ ଗ୍ରହଣ ଉତ୍ସବ

ଭୁବନେଶ୍ୱର,୨୨/୧୧ (ନି.ପ୍ର): ଓଡ଼ିଶାର ସର୍ବବୃହତ ଗଣ ସଂଗଠନ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାନ୍ନିଧ୍ୟାନିକ ସମ୍ମିଳନୀ ନଭେମ୍ବର ୧୪ ଓ ୧୫ ଦୁଇଦିନ ଧରି ଇଡ୍‌କୋ ଟାୱାର, ମହିଷପାଟ, ଢେଙ୍କାନାଳ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ କରିବା ସହିତ ଓଷ୍ଟା କେବଳ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ସମସ୍ୟା କଥା ନ କହି ଜନଜୀବନର ସମସ୍ୟାକୁ ଉର୍ଦ୍ଧ୍ୱରେ ତୋଳି ଧରିବାକୁ ଓ ସବୁ କ୍ଷେତ୍ରରେ ନିଜକୁ ସାମିଲ୍ କରି ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବାକୁ ଓ ସବୁ ଅଙ୍ଗୀକାରବଦ୍ଧତା ଘୋଷଣା କରିଛି । ଓଷ୍ଟା ଜଣଙ୍କ ପାଇଁ ନୁହେଁ ଗଣଙ୍କ ପାଇଁ, ଏହି ଆଦର୍ଶରେ କାମ କରିଚାଲିଛି।

ପ୍ରକାଶ ଥାଉକି, ଓଷ୍ଟାର ଗଣତାନ୍ତ୍ରିକ ପରିଚାଳନାର ଅନ୍ୟ ଏକ ଦିଗ ହେଉଛି ଏହାର ସାନ୍ନିଧ୍ୟାନିକ ସମ୍ମିଳନୀ । ପ୍ରତି ତିନି ବର୍ଷରେ ଥରେ ବ୍ଲକ୍ ଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥାନ୍ତି। ଏହି ସମ୍ମିଳନୀରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯିବା ସହିତ ଶିକ୍ଷକ କେବଳ ତା'ର ବୃତ୍ତିଗତ ସମସ୍ୟା ଓ ବିଦ୍ୟାଳୟ ସମସ୍ୟା



ମଧ୍ୟରେ ସୀମାବଦ୍ଧ ନ ହୋଇ ଜନମାନସରେ ପ୍ରତିଦିନ ଘଟୁଥିବା ସମସ୍ୟା ସହିତ ପ୍ରତ୍ୟକ୍ଷ ଭାବରେ ନିଜକୁ ସାମିଲ୍ କରି ଜନସାଧାରଣଙ୍କର ସ୍ୱାର୍ଥପାଇଁ ଲଢ଼େଇ ଜାରି ରଖିବାକୁ ପ୍ରସ୍ତାବ ପାରିତ ହୋଇଛି । ଏଥିସହିତ ଶିକ୍ଷାର ଘରୋଇକରଣ, ବେକାରୀ ସଂଖ୍ୟା ବୃଦ୍ଧି, ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧି, ଛାତ୍ର, ଶିକ୍ଷକ, ମହିଳା, ଦଳିତମାନଙ୍କ ଉପରେ ଆକ୍ରମଣ, ପ୍ରଚଳିତ ପାଠ୍ୟ ଖସଡ଼ାର ପରିବର୍ତ୍ତନ ଓ ଶିକ୍ଷକ ନିଯୁକ୍ତି ଆଦି ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଶପଥ ଗ୍ରହଣ ଉତ୍ସବରେ ପୂର୍ବତନ ସଭାପତି ଅକ୍ଷୟ କୁମାର ମିଶ୍ର, ବିନୋଦ ବିହାରୀ ପାଣିଗ୍ରାହୀ, ପୁରନ୍ଦର ଦାଶ, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ପର୍ବତନ ସାଧାରଣ ସଂପାଦକ ବିବେକାନନ୍ଦ ଦାଶ, କିଶୋର କୁମାର ପଣ୍ଡା, ରଘୁନାଥ ସାହୁ, ଓଲଷ୍ଟାର ପ୍ରାକ୍ତନ ସଭାପତି ଶାରଦା ପ୍ରସାଦ ମହାପାତ୍ର, ପୂର୍ବତନ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟର ୩୧ଟି ସାଂଗଠନିକ ଜିଲ୍ଲାରୁ ପ୍ରାୟ ୧୬୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିନିଧି ଭାବରେ ଏଥିରେ ଯୋଗ ଦେଇଥିଲେ । ଗଣତାନ୍ତ୍ରିକ ପ୍ରକ୍ରିୟାର ଅନ୍ତିମ ଦିବସରେ ବେସରକାରୀ କଲେଜ ଶିକ୍ଷକ ସଂଘ (ଅଜ୍ଞୋଟା)ର କର୍ମକର୍ତ୍ତାମାନେ ନିର୍ବାଚନ ପରିଚାଳନା କରିଥିଲେ । ଅଜି ତା ୨୨.୧୧.୨୦୨୬ରିଖରେ ଓଷ୍ଟାର କୈଳାସ ଚନ୍ଦ୍ର ମହାପାତ୍ର ସଭାଗୃହରେ ନିର୍ବାଚିତ ୩୧ ଜଣ କର୍ମକର୍ତ୍ତା ପଦ ଓ ଗୋପନୀୟତାର ଶପଥ ପାଠ କରିଥିଲେ।

କୋଡ଼ଗାଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟରେ ଏଲ୍‌ପିଜି ସୁରକ୍ଷା ସଚେତନତା ଶିବିର

କେନ୍ଦୁଝର,୨୨/୧୧ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ କୋଡ଼ଗାଡ଼ିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମହାନ୍ତ ଏଚ୍‌ପି ଗ୍ୟାସ୍ ଗ୍ରାମୀଣ ବିତରକ ପକ୍ଷରୁ ଏକ ଏଲ୍‌ପିଜି ସୁରକ୍ଷା ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ଗ୍ୟାସ୍ ସିଲିଣ୍ଡରର ସୁରକ୍ଷିତ ବ୍ୟବହାର, ରୋଷେଇ ସମୟରେ ଅବଲମ୍ବନ କରିବାକୁ ଥିବା ସତର୍କତା, ଗ୍ୟାସ୍ ଲିକ୍ ହେଲେ ତୁରନ୍ତ ଗ୍ରହଣ କରିବାକୁ ଥିବା ପଦକ୍ଷେପ ଏବଂ ଅଗ୍ନିକାଣ୍ଡ ଭଳି ଦୁର୍ଘଟଣାକୁ କିପରି ଏଡ଼ାଇ ହେବ ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋଡ଼ଗାଡ଼ିଆ ସରପଞ୍ଚ ମଞ୍ଜୁଲତା ନାଇକ ଏବଂ ଆଶାକର୍ମୀ ବିଭୂତି ବେହେରା ଅତିଥି ଭାବେ ଯୋଗଦେଇ ଏଲ୍ ?ପିଜି ସୁରକ୍ଷାର ଗୁରୁତ୍ୱ ଉପରେ ମତ ରଖିଥିଲେ। ମହାନ୍ତ ଏଚ୍ ?ପି ଗ୍ୟାସ୍ ଗ୍ରାମୀଣ ବିତରକଙ୍କ ପ୍ରୋପ୍ରାଇଟର ନବନୀତା ମହାନ୍ତ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଶିବିରରେ ପ୍ରାୟ ୬୦ ଜଣ ଉପଭୋକ୍ତା ଓ ସ୍ଥାନୀୟ ଲୋକ ଅଂଶଗ୍ରହଣ କରିଥିଲେ। ଘରୋଇ ଗ୍ୟାସ୍ ବ୍ୟବହାର ସମୟରେ ସାମାନ୍ୟ ଅସାବଧାନତା ମଧ୍ୟ ବଡ଼ ଦୁର୍ଘଟଣାର କାରଣ ହୋଇପାରେ। ତେଣୁ ପ୍ରତ୍ୟେକ ଗ୍ୟାସ୍ ଉପଭୋକ୍ତା ସୁରକ୍ଷା ନିୟମ ପାଳନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ଆବଶ୍ୟକ ବୋଲି ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା।

ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ଡିସେମ୍ବର ୧୧ରୁ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭ

ନୂଆପଡ଼ା, ତା. ୨୨/୧୧(ମନ୍ଥନ) : ନୂଆପଡ଼ା ଜିଲ୍ଲାରେ ୨୦୨୬-୨୭ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ, ସୁବ୍ୟବସ୍ଥିତ ଓ ଚାଷୀଙ୍କ ପାଇଁ ସୁବିଧାଜନକ କରିବା ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଉଖଚଉ) ବୈଠକ ଆଜି ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ସଦ୍ ?ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛିକ୍ଷ ବୈଠକରେ ମାନ୍ୟବର କଳାହାଣ୍ଡି ସାଂସଦ ମାଲବିକା ଦେବୀ, ମାନ୍ୟବର ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ମାନ୍ୟବର ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଳି ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବାଷ ଚନ୍ଦ୍ର ରଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାୟକ, ଉପଜିଲ୍ଲାପାଳ ସୁର୍ମା ସୋରେନ, ଜିଲ୍ଲା କୃଷି ଅଧିକାରୀ, ଯୋଗାଣ, ସମବାୟ, ଜଳସେଚନ, ଏଫ୍ ?ସିଆଇ, ଆର୍ ?ଏମ୍ ?ସି ଓ ବ୍ୟାଙ୍କ ବିଭାଗର ଅଧିକାରୀଙ୍କ ସମେତ ଚାଷୀ ଓ ମିଲର୍ ପ୍ରତିନିଧିମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିବା ସହ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ସୁରୁଖୁରୁରେ ଓ ସ୍ୱଚ୍ଛତାର ସହ ସମ୍ପନ୍ନ କରିବା ପାଇଁ ସମସ୍ତ ବିଭାଗର ସମନ୍ୱିତ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଚଳିତ ଖରିଫ ଋତୁରେ ଜିଲ୍ଲାରେ ମୋଟ ୫୭,୫୪୨ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଛନ୍ତି। ଗତବର୍ଷର ୫୧,୩୪୧ ଜଣ ପଞ୍ଜୀକୃତ ଚାଷୀଙ୍କ ତୁଳନାରେ ଏଥର ୬,୨୦୧ ଜଣ ଅଧିକ ଚାଷୀ ପଞ୍ଜୀକୃତ ହୋଇଥିବା



ବେଳେ ପଞ୍ଜୀକରଣରେ ୧୨.୦୮ ପ୍ରତିଶତ ବୃଦ୍ଧି ଘଟିଛି। ଜିଲ୍ଲାର ୨୬ଟି ପ୍ୟାକ୍ସ ଅଧୀନରେ ୭୭ଟି ଧାନ ସଂଗ୍ରହ କେନ୍ଦ୍ର (ପିପିସି) ତଥା ମଣ୍ଡି ମାଧ୍ୟମରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ। ବୈଠକରେ ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲାରେ ଡିସେମ୍ବର ୧୧ ତାରିଖରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବ। ପ୍ରଥମ ଧାନ ସଂଗ୍ରହ ଖରିଆର ରୋଡ୍ ମଣ୍ଡିରୁ ଆରମ୍ଭ କରାଯିବ। ପ୍ରତ୍ୟେକ ପ୍ୟାକ୍ସ ପାଇଁ ସପ୍ତାହରେ ୫ ଦିନ ମଣ୍ଡି ପରିଚାଳନା କରାଯିବ। ଚଳିତ ଋତୁରେ ସାଧାରଣ ମାନର ଧାନ ପାଇଁ କ୍ୱିଣ୍ଟାଲ ପ୍ରତି ୨,୪୪୧ ଟଙ୍କା ଏବଂ ଗ୍ରେଡ୍ 'ଏ' ଧାନ ପାଇଁ ୨,୪୬୧ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ (ଗଏଚ) ଧାର୍ଯ୍ୟ କରାଯାଇଛି। ଚାଷୀଙ୍କୁ ଟୋକନ୍ ? ସମ୍ବନ୍ଧିତ ସୂଚନା ଓଡ଼ିଆ ଭାଷାରେ ଏସ୍ ?ଏମ୍ ?ଏସ୍ ? ମାଧ୍ୟମରେ ପ୍ରାୟ ୭ ଦିନ ପୂର୍ବରୁ ପ୍ରଦାନ କରାଯିବ। ଟୋକନ୍ ?ର ବୈଧତା ଏକ ମାସ ରହିବ। ଧାନ କ୍ରୟ ସମୟରେ ଚାଷୀଙ୍କ ପରିଚୟ ବାୟୋମେଟ୍ରିକ୍ କିମ୍ବା ଆଇରିସ୍ ଯାଞ୍ଚ ମାଧ୍ୟମରେ ନିଶ୍ଚିତ କରାଯିବ। ଧାନ ବିକ୍ରୟ ପରେ ଚାଷୀଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ଖାତାକୁ ଘଚଉଓ ପ୍ଲାଟଫର୍ମ ମାଧ୍ୟମରେ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅର୍ଥ ପ୍ରଦାନ କରାଯିବ। ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ କହିଥିଲେ ଯେ, ଡିସେମ୍ବର ୧୧ରୁ ଧାନ ସଂଗ୍ରହ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି ଏବଂ ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛ



୯ ଦାଦନ ଶ୍ରମିକ ଉଦ୍ଧାର, ଜଣେ ସର୍ଦ୍ଦାର ଗିରଫ

ପାଟଣାଗଡ଼, ୨୨।୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଏକ ଦାଦନ ପ୍ରବଣ ଜିଲ୍ଲା ବେଶ୍ ପରିଚିତ ଥିବା ବେଳେ ଏବେ ସେହି ଦାଦନ ରତୁ ଚାଲିଛି। ଶତାଧିକ ସର୍ଦ୍ଦାର ଲାଇସେନ୍ସ ପ୍ରସ୍ତୁ ଥିବା ବେଳେ ଅନେକ ଗୁଡ଼ିଏ ସର୍ଦ୍ଦାର ବେଆଇନ ଭାବେ ଚାଲାଣ କରୁଛନ୍ତି। କେତେକ ଧରାପଡ଼ି ଜେଲ ମଧ୍ୟ ଯାଇଥିବା ନଜର ଆସିଛି। ବେଆଇନ ଦାଦନ ଶ୍ରମିକ ଉପରେ ଶ୍ରମ ବିଭାଗ ଓ ପୋଲିସ୍ ପ୍ରଶାସନର ଦାୟିତ୍ୱ ରହିଥିବା ବେଳେ ମୁଖ୍ୟତଃ ପାଟଣାଗଡ଼, ଲରଙ୍ଗି, ବେଲପଡ଼ା, ଖପ୍ରାଖୋଲ,ଲାଠୋର, ତୁରେକେଲା, କଣ୍ଟାବାଞ୍ଜି,ମୁରିବାହାଲ, ବଙ୍ଗୋମୁଣ୍ଡା, ସିଦ୍ଧ ?କେଲା, ଟିଟିଲାଗଡ଼, ସଇଁତଳା ପୋଲିସ ପ୍ରମୁଖ ଦାୟିତ୍ୱବାନ ରହିଛି। ଏମାନଙ୍କ ମଧ୍ୟରେ ଦାଦନ ଶ୍ରମିକ ଉଦ୍ଧାର ରେ ଲାଠୋର ପୋଲିସ ଏକ ନମ୍ବର ଖପ୍ରାଖୋଲ ପୋଲିସ ଦୁଇ ନମ୍ବର ତୁରେକେଲା ପୋଲିସ ତିନି ନମ୍ବର ସ୍ଥାନରେ ରହିଛନ୍ତି। ଆଜି ପୁଣି ଖପ୍ରାଖୋଲ ପୋଲିସ ଦ୍ୱାରା ଦାଦନ ଶ୍ରମିକ ଉଦ୍ଧାର କରିଥିବା ଜଣାପଡିଛି। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଚାଉଳବାଞ୍ଜି ଗାଁର ସର୍ଦ୍ଦାର ମୁସୁରୁ ଧଗୁଆ (୩୨) ପିତା.ଶିବ ଧଗୁଆ ତେଲେଙ୍ଗାନା ରାଜ୍ୟ ଚାଲାଣ କରିବା ପାଇଁ ଖପ୍ରାଖୋଲ ଥାନା କନଗାଁ ର ୯ ଜଣ ଦାଦନ ଶ୍ରମିକ କୁ ପିକ୍ଅ ବସ୍ ରେ ଆଣୁଥିବା ବେଳେ କନଗାଁଛକ ଠାରେ ଖପ୍ରାଖୋଲ ପୋଲିସ ଧରିବାରେ ସକ୍ଷମ ହୋଇଥିଲେ । ଉକ୍ତ ଉଦ୍ଧାର ଦାଦନ ଶ୍ରମିକ ମଧ୍ୟରେ ୪ ଜଣ ମହିଳା, ୨ ଜଣ ପୁରୁଷ ଓ ୨ ଝିଅ ଓ ଜଣେ ଶିଶୁ ରହିଛନ୍ତି।



ସର୍ଦ୍ଦାର ନାଁ ରେ ଖପ୍ରାଖୋଲ ଥାନା କେଶ୍ ନମ୍ବର ୨୪୬/୨୬ ୟୁ ଏସ୍ ୧୪୩(୩)/ ୧୪୬/୩୧୮(୪)ବି, ଏନ୍, ଏସ୍ ୨୫ ଆଇ ଏସ ଏମ୍ ଡବ୍ଲୁ ଆକ୍ଟ ରେ ମାମଲା ରୁଜୁ କରି ସର୍ଦ୍ଦାର କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି। କିନ୍ତୁ ଖପ୍ରାଖୋଲ ଥାନା ଅଞ୍ଚଳରେ ମଧ୍ୟ ଦୁଇ ଚାରି ଜଣ ନାମାଦାମୀ ସର୍ଦ୍ଦାର ରହିଛନ୍ତି ଯାହାକି ଅଳ୍ପ ବ୍ୟବଧାନରେ ପଞ୍ଜିକରଣ କରି ବେଆଇନ୍ ଭାବେ ହଜାର ହଜାର ଶ୍ରମିକ ଚାଲାଣ କରୁଥିବା ଅଭିଯୋଗ ହେଉଛି ତାଙ୍କ ଉପରେ ମଧ୍ୟ ଖପ୍ରାଖୋଲ ପୋଲିସ ଦୃଷ୍ଟି ଆକର୍ଷଣ କରି ଉଚିତ୍ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।ଚଳିତ ବର୍ଷ ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ତଥା ଭି ବି ଜି ରାମ ଜି ଯୋଜନାରେ ଖପ୍ରାଖୋଲ ବ୍ଲକ ଜିଲ୍ଲାରେ ଏକ ନମ୍ବର ଘୋଷଣା ହୋଇଥିଲା ବେଳି ଅନେକ ପତ୍ର ପତ୍ରିକାରେ ବାହାରିଥିଲା । କିନ୍ତୁ ଖପ୍ରାଖୋଲ ବ୍ଲକ ର ଏତେ ଗୁଡିଏ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ମନସ୍ଥ କରିଥିବା କାରଣ କଣ ? ଖାଲି କାଗଜପତ୍ରରେ ଏହି ଯୋଜନା ସୀମିତ ରହିଗଲା ନାଁ କାର୍ଯ୍ୟକାରୀ ହେଲା ତାହା ସନ୍ଦେହ ସୃଷ ି କରୁଛି। ଶୁଣାଯାଏ ଏହି ଅଞ୍ଚଳରେ ଅଧିକାରୀ, କୁଜୀ ନେତା,ଟାଉଟର, ସମାଜସେବୀ,ତଳୁ ଉପର ଯାଏଁ ମିଳିମିଶି ମନରେଗା ତଥା ଭିବିଜି ରାମ ଜି ର ସ୍ୱାଦ ଚାଖି ଥାନ୍ତି ଯାହାଫଳରେ ଯୋଜନା ହୁଏ ବାଟବଣା ଶ୍ରମିକ ଖୋଜି ତା ରୋଜଗାର ର ଠିକଣା । ଖପ୍ରାଖୋଲ ବ୍ଲକ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ଯୋଜନାର ସମୀକ୍ଷା କରିବା ସହ ବେଆଇନ ଦାଦନ ଶ୍ରମିକ ଚାଲାଣ ଉପରେ ଅଙ୍କୁଶ ଲଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ମା' ବରୁଣେଇଁ ଆଜାଦ କ୍ଲବର ଚୂଡ଼ାନ୍ତ କମିଟି ଗଠିତ

ବିଜୟ ସାମଲ ସଭାପତି, ନିରଞ୍ଜନ ସ୍ୱାଇଁ ସମ୍ପାଦକ ଭାବେ ମନୋନୀତ

ପାରାଦୀପ, ୨୨।୧୧ (ନି.ପ୍ର): ଗ୍ରାମର ଉନ୍ନତି, ସାମାଜିକ ସେବା, ସାଂସ୍କୃତିକ ପରମ୍ପରାର ସୁରକ୍ଷା ଓ ଯୁବପିଢ଼ିଙ୍କ ଏକତାକୁ ଲକ୍ଷ୍ୟ କରି ପ୍ରତାପପୁରର ମା' ବରୁଣେଇଁ ଆଜାଦ କ୍ଲବର ଚୂଡ଼ାନ୍ତ କମିଟି ଗଠନ କରାଯାଇଛି। କ୍ଲବର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ଚୂଡ଼ାନ୍ତ ବୈଠକରେ ସର୍ବସମ୍ମତିକ୍ରମେ କର୍ମକର୍ତ୍ତାଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ମୁଖ୍ୟ ପରାମର୍ଶଦାତା ବିକ୍ରମ କେଶରୀ ରାଉତରାୟ ଏବଂ ପରାମର୍ଶଦାତା କମିଟିର ମାର୍ଗଦର୍ଶକ ଓ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ନେଇ ଏହି କମିଟି ଗଠନ ହୋଇଛି। ନୂତନ କମିଟିରେ ବିଜୟ ସାମଲ ସଭାପତି, ବିକାଶ ବେହେରା ଓ ଶଗନ ସାମଲ କାର୍ଯ୍ୟକାରୀ ସଭାପତି, ନିରଞ୍ଜନ ସ୍ୱାଇଁ ସମ୍ପାଦକ, ସୁମନ୍ତ ବାରିକ ଉପସଭାପତି, କାଳନ୍ଦୀ ସ୍ୱାଇଁ କୋଷାଧ୍ୟକ୍ଷ ଏବଂ ଗିରିଧାରୀ ସ୍ୱାଇଁ କାର୍ଯ୍ୟକାରୀ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ସମୀର ରାଉତ ସାମାଜିକ କାର୍ଯ୍ୟକାରୀ ସଭାପତି, ତପୁ ସ୍ୱାଇଁ ସରକାରୀ ବିଭାଗ ଓ କମ୍ପାନୀ ସହ ଯୋଗାଯୋଗ ଏବଂ ସମନ୍ୱୟ ଦାୟିତ୍ୱ, କାଳିଆ ସ୍ୱାଇଁ ସୋସିଆଲ ମିଡିଆ ଦାୟିତ୍ୱ ଓ ହିମାଂଶୁ ଅଡିଟ କାର୍ଯ୍ୟ କୁ ସମ୍ପାଦନ କରିବେ ବୋଲି ଦାୟିତ୍ୱ ଅର୍ପଣ କରାଯାଇଛି । ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଗଣେଶ ରାଉତ (ଗନୁ) ସାଂସ୍କୃତିକ ସମ୍ପାଦକ, ପପୁ ସ୍ୱାଇଁ ସହକାରୀ ସାଂସ୍କୃତିକ ସମ୍ପାଦକ, ଉପନ ସ୍ୱାଇଁ କ୍ରୀଡ଼ା ସମ୍ପାଦକ, ତୋଫାନ ପଲାଇ କାର୍ଯ୍ୟକାରୀ କ୍ରୀଡ଼ା ସମ୍ପାଦକ ଏବଂ ହରିଆ ନୂତନ ପ୍ରକଳ୍ପ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି।

ଆସନ୍ତା ୨୯ରେ ରକ୍ତଦାନ ଶିବିର, ବୃକ୍ଷରୋପଣ ଓ କାଶୀନାଥ ମେମୋରିଆଲ ଟ୍ରଷ୍ଟର ଶୁଭାରମ୍ଭ





କାର୍ତ୍ତିକ ରାଉତ ପରାମର୍ଶଦାତା କମିଟିରେ ସ୍ଥାନ ପାଇଥିବାବେଳେ ବୁଟୁ ରାଉତ ଓ ମିଟୁନା ସ୍ୱାଇଁ ପରାମର୍ଶଦାତା କମିଟିର ଯୋଗାଯୋଗ ଓ ଆମନ୍ତ୍ରଣ ଦାୟିତ୍ୱ ତୁଲାଇବେ। କ୍ଲବର ମୁଖ୍ୟ ପରାମର୍ଶଦାତା ଭାବେ ବିକ୍ରମ କେଶରୀ ରାଉତରାୟ କ୍ଲବର ଉନ୍ନତି, ନୂତନ ଯୋଜନା, ଭବିଷ୍ୟତ କାର୍ଯ୍ୟକ୍ରମ ଓ ସାମାଜିକ କାର୍ଯ୍ୟରେ ମାର୍ଗଦର୍ଶକ ଓ ପରାମର୍ଶ ପ୍ରଦାନ କରିବେ । ସେହିପରି ଅଞ୍ଜନ ପଲାଇ, ପକୁନା ରାଉତ, ରାକେଶ ବେହେରା, ରଂଜିତ ରାଉତରାୟ, ବିକାଶ ସ୍ୱାଇଁ (ବିକନ), ଭଜମୋହନ ନାୟକ, ଶୁଭ ପ୍ରଧାନ, ବିଶ୍ୱମ୍ଭର ସ୍ୱାଇଁ, ପଦୀ ସ୍ୱାଇଁ, ସୁବାଷ ନାୟକ, ରମାକାନ୍ତ ରାଉତ, ବାବୁ ରାଉତ, ଭଗବାନ ଭୋଳ, ସାକୁଲା ସ୍ୱାଇଁ, ସୁବାଷ ଭୋଳ, ଚନ୍ଦ୍ରମଣି ସ୍ୱାଇଁ, ନବଘନ ସ୍ୱାଇଁ, ପ୍ରିୟବ୍ରତ ରାଉତ, ସୁଦାମ ସ୍ୱାଇଁ, କେଦାର ସ୍ୱାଇଁ, ବିପିନ ଦାସ ଓ ଜୈରାମ ବେହେରା ପ୍ରମୁଖ ପରାମର୍ଶଦାତା କମିଟିରେ ରହିଛନ୍ତି। କ୍ଲବ ପକ୍ଷରୁ ଆସନ୍ତା ୨୯ ତାରିଖରେ ବିଭିନ୍ନ ଜନକଲ୍ୟାଣ ମୂଳକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ରକ୍ତଦାନ ଶିବିର, ବୃକ୍ଷରୋପଣ, ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନିଃସହାୟ ଲୋକଙ୍କୁ ସେବା ପ୍ରଦାନ କରାଯିବ। ଏଥିସହ ଗ୍ରାମରେ ପାଠାଗାର ନିର୍ମାଣ ପାଇଁ ଶିଳାନ୍ୟାସ ଏବଂ କାଶୀନାଥ ମେମୋରିଆଲ ଟ୍ରଷ୍ଟର ଶୁଭାରମ୍ଭ କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ଗ୍ରାମରେ ଶିକ୍ଷା, ସଂସ୍କୃତି, ପରିବେଶ ସୁରକ୍ଷା ଓ ସାମାଜିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଉକ୍ତ କ୍ଲବ ଲକ୍ଷ୍ୟ ରହିଛି। କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ନିଜ ନିଜ ଦାୟିତ୍ୱକୁ ନିଷ୍ଠା, ସଚ୍ଚୋଟତା ଓ ସମର୍ପଣ ମନୋଭାବରେ ତୁଲାଇବା ସହ ଗ୍ରାମର ଉନ୍ନତି ଓ ସମାଜସେବା ଦିଗରେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଛି। ବରିଷ୍ଠଙ୍କ ପରାମର୍ଶ ଓ ଯୁବପିଢ଼ିଙ୍କ ସକ୍ରିୟ ସହଯୋଗରେ ଏକ ପରିବାର ଭାବେ ଆଗକୁ ବଢ଼ିବା ସହ ମା' ବରୁଣେଇଁଙ୍କ ଆଶୀର୍ବାଦରେ କ୍ଲବର ସୁନାମ ବୃଦ୍ଧି କରିବାସହ ସମାଜ ସେବାକୁ ବ୍ରତ ଭାବେ ପାଳନ କରିବ ବୋଲି ନୂତନ କମିଟିର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରକାଶ କରାଯାଇଛି।

'କଟକ ଇନ୍ କଟକ'ରେ ୧୫୦ ବର୍ଷର ଗୌରବମୟ ଇତିହାସ ଓ ଐତିହ୍ୟର ଅନନ୍ୟ ଅନୁଭୂତି

ମେୟର ଓ କମିଶନରଙ୍କ ପରିଦର୍ଶନ; ମହାମହିମ ରାଷ୍ଟ୍ରପତିଙ୍କୁ ସ୍ୱାଗତ ପାଇଁ ବାଲିଯାତ୍ରା ପ୍ରସ୍ତୁତ

କଟକ, ୨୨।୧୧ (ନି.ପ୍ର) : କଟକ ମହାନଗର ନିଗମର ୧୫୦ ବର୍ଷର ଗୌରବମୟ ଇତିହାସ, ସମୃଦ୍ଧ ପରମ୍ପରା ଓ ଅନନ୍ୟ ଐତିହ୍ୟକୁ ଜନସାଧାରଣଙ୍କ ନିକଟରେ ନୂତନ ଢଙ୍ଗରେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ 'କଟକ ଇନ୍ କଟକ' ଏକ ଆକର୍ଷଣୀୟ ଅନୁଭୂତିର କେନ୍ଦ୍ର ପାଲଟିଛି। ଏହି ପରିକଳ୍ପନା ମାଧ୍ୟମରେ କଟକର ଅତୀତ, ଐତିହାସିକ ଗୌରବ, ସାଂସ୍କୃତିକ ପରିଚୟ ଓ ଆଧୁନିକତାକୁ ଏକାଠି ଅନୁଭବ କରିବାର ସୁଯୋଗ ମିଳୁଛି। କଟକ ମହାନଗର ନିଗମର ମେୟର ଶ୍ରୀ ସୁବାସ ସିଂହ ଓ କମିଶନର ଶ୍ରୀମତୀ କିରଣଦୀପ କୌର ସହୋତା 'କଟକ ଇନ୍ କଟକ' ପରିସର ପରିଦର୍ଶନ କରି ବିଭିନ୍ନ ଜୋନ୍?, ପ୍ରଦର୍ଶନୀ ଓ ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ୧୫୦ ବର୍ଷର କଟକର ଗୌରବମୟ ଯାତ୍ରାକୁ ନୂତନ ପିଢ଼ିଙ୍କ ନିକଟରେ ପହଞ୍ଚାଇବା ସହ ସହରବାସୀଙ୍କ ମନରେ ନିଜ ସହରର ଇତିହାସ ଓ ଐତିହ୍ୟ ପ୍ରତି ଗର୍ବବୋଧ ସୃଷ୍ଟି କରିବା ଏହାର ମୁଖ୍ୟ ଆକର୍ଷଣ। ଏହା ସହିତ ଆଗାମୀ ବାଲିଯାତ୍ରାରେ ମହାମହିମ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଓ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ମେୟର ଶ୍ରୀ ସୁବାସ ସିଂହ ଓ କମିଶନର ଶ୍ରୀମତୀ କିରଣଦୀପ କୌର ସହୋତା ବାଲିଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିବା ସହ ସହରର ସମ୍ମାନ ଓ ଗୌରବକୁ ଅକ୍ଷୁଣ୍ଣ ରଖି ଏକ ସୁସଂଗଠିତ ଆୟୋଜନ ନିମନ୍ତେ ପ୍ରସ୍ତୁତିକୁ ଗୁରୁତ୍ୱ ଦେଇଛନ୍ତି। ଏଠାରେ ଥିବା ଇଜ-ଡଜ ଡିଜିଟାଲ୍ ଜୋନ୍ ମାଧ୍ୟମରେ ଦର୍ଶକମାନେ ଅତୀତରୁ ବର୍ତ୍ତମାନର କଟକକୁ ଏକ ନୂଆ ଡିଜିଟାଲ୍ ଅନୁଭୂତିରେ ବେହୋରାର ସୁଯୋଗ ପାଉଛନ୍ତି। ଉତ୍କଳ ଦାପିକା ପଟୋ ବୁଥ୍ ?ରେ ସ୍ମରଣୀୟ ପଟୋ ଉଠାଇବା ସହ ମଧୁବାବୁଙ୍କ ଜୀବନୀ, ଉତ୍କଳ ଟ୍ୟାନେରୀର ଇତିହାସ ଏବଂ ଆକାଶବାଣୀର ସମୃଦ୍ଧ ଐତିହ୍ୟ ସମ୍ପର୍କରେ ଜାଣିବାର ସୁଯୋଗ ରହିଛି। ସାହିତ୍ୟପ୍ରେମୀଙ୍କ ପାଇଁ ପୁସ୍ତକର ଆକର୍ଷଣୀୟ ପସରା ଓ ସାହିତ୍ୟ ସମ୍ଭାର ରହିଥିବାବେଳେ, ଛୋଟ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର କ୍ରୀଡ଼ା ଓ ମନୋରଞ୍ଜନ ଜୋନ୍?ର ବ୍ୟବସ୍ଥା କରାଯାଇଛି। ମହିଳାମାନଙ୍କ ପାଇଁ ମେହେନ୍ଦି କର୍ଣ୍ଣର, ମା' ଓ ଶିଶୁଙ୍କ ସୁବିଧା ନିମନ୍ତେ ସ୍ୱତନ୍ତ୍ର ସ୍ତନ୍ୟପାନ କେନ୍ଦ୍ର ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ବିଶ୍ରାମ ସ୍ଥଳର ବ୍ୟବସ୍ଥା ରହିଛି। ଏହା ସହିତ ରେଡ୍ ବକ୍ସ ଜୋନ୍ ମଧ୍ୟ ଏହି ପରିସରର ଅନ୍ୟତମ ଆକର୍ଷଣ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ୍?ରେ ସ୍ଥାନୀୟ ଉତ୍ପାଦ ଓ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରୟର ସୁଯୋଗ ରହିଛି। ଅନ୍ୟପଟେ ଫୁଡ୍ ଜୋନ୍?ରେ ବିଭିନ୍ନ ପ୍ରକାର ଚଟପଟା ଖାଦ୍ୟର ମଜା ନେବା ସହ ବିଭିନ୍ନ ଆକର୍ଷଣୀୟ ସେଲ୍ଫି ପଏଣ୍ଟରେ ଦର୍ଶକମାନେ ସ୍ମୃତିଭରା ଫଟୋ ଉଠାଇପାରିବେ। ଏହି ପରିଦର୍ଶନ ସମୟରେ ମେୟର ଶ୍ରୀ ସୁବାସ ସିଂହ ଓ କମିଶନର ଶ୍ରୀମତୀ କିରଣଦୀପ କୌର ସହୋତାଙ୍କ ସହ ଡେପୁଟି ମେୟର ଶ୍ରୀମତୀ ଦମୟନ୍ତୀ ମାଝି, ଷ୍ଟାଣ୍ଡିଙ୍ଗ କମିଟି ଚେୟାରମ୍ୟାନ ପ୍ରଲୟ ବେହୁରା, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା ଓ ଲିଜାରାଣୀ ରାଉତଙ୍କ ସମେତ କଟକ ମହାନଗର ନିଗମର ଅଧିକାରୀ ସୋନା ଟୁଡୁ, ପରେଶ କୁମାର ନାୟକ, ଶ୍ୱେତା ସିଂଗ୍ଲା, ରୋହିତ କାନ୍ତି ଦାସ, ଶ୍ରଦ୍ଧା ରଞ୍ଜନ ଗ୍ରହାଚାର୍ଯ୍ୟ, ସ୍ୱାତୀ ମିଶ୍ର, ସୀମା ଜେନା ଓ ଇଞ୍ଜିନିୟର ସୁବାସ ସାହୁ ଉପସ୍ଥିତ ଥିଲେ। 'କଟକ ଇନ୍ କଟକ' ମାଧ୍ୟମରେ କଟକର ୧୫୦ ବର୍ଷର ଗୌରବମୟ ଇତିହାସ, ସଂସ୍କୃତି ଓ ଐତିହ୍ୟକୁ ନୂତନ ପିଢ଼ିଙ୍କ ସହ ଯୋଡ଼ିବାର ଏକ ଅଭିନବ ପ୍ରୟାସ ହୋଇଥିବାବେଳେ, ବାଲିଯାତ୍ରାରେ ମହାମହିମ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ କେଏମସିର ପ୍ରସ୍ତୁତି କଟକ ସହରର ଗୌରବ ଓ ଆତିଥ୍ୟ ପରମ୍ପରାକୁ ପ୍ରତିଫଳିତ କରିବ।

ଜିଲ୍ଲାସ୍ତରୀୟ ସହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ପାଳିତ

ମାଲକାନଗିରି, ୨୨/୧୧ (ନି.ପ୍ର) : ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଯୋଗଦେଇ ସହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମବେତ ଛାତ୍ରୀ ଓ ଅତିଥିମାନଙ୍କୁ ସମ୍ବୋଧିତ କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ପ୍ରଧାନ କହିଥିଲେ ଯେ ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟେକ ପର୍ଯ୍ୟାୟରେ ଓଡ଼ିଶାର ଆଦିବାସୀ ସମାଜ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ନିଜର ଦେଶପ୍ରେମ, ଜାତୀୟତାବୋଧ ଓ ସ୍ୱାଭିମାନର ପରିଚୟ ଦେଇଆସିଛି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଦିବାସୀ ବୀର ଲକ୍ଷ୍ମଣ ନାୟକଙ୍କ ଅସାଧାରଣ ଦେଶପ୍ରେମ, ଅଦମ୍ୟ ସାହସ ଓ ଅସୀମ ତ୍ୟାଗ ସମଗ୍ର ଜାତି ପାଇଁ ଗର୍ବ ଓ ଗୌରବର ବିଷୟ। ଯୁବପିଢ଼ି ଓ ଛାତ୍ରୀମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବା ଉଚିତ। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ କହିଥିଲେ ଯେ ସହୀଦ ଲକ୍ଷ୍ମଣ ନାୟକ କେବଳ ଜଣେ ନିର୍ଭୀକ ସ୍ୱାଧୀନତା ସଂଗ୍ରାମୀ ନଥିଲେ, ବରଂ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ। ଆଜିର ଛାତ୍ରଛାତ୍ରୀମାନେ ତାଙ୍କର ସତ୍ୟନିଷ୍ଠା, ଶୃଙ୍ଖଳା ଓ ସମାଜ ସଂସ୍କାରମୂଳକ ଚିନ୍ତାଧାରାକୁ ନିଜ ଜୀବନରେ



ଆପଣାଇବା ଆବଶ୍ୟକ।

ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଂଜନ ପାଣିଗ୍ରାହୀ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା, ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ଅଧ୍ୟାପକ ଡଃ ରଞ୍ଜନ ସ୍ୱାଇଁ, ମାଲକାନଗିରି ବିଧାୟକଙ୍କ ପ୍ରତିନିଧି ନିହାର ରୟ ଏବଂ କନ୍ଧ ସମାଜ ସଭାପତି ହରି ଗୋଲରୀ ପ୍ରମୁଖ ଯୋଗଦେଇ ସହୀଦଙ୍କ ଜୀବନୀ, ନିଶା ନିବାରଣ, ବାଲ୍ୟବିବାହ ଓ ଜାତିପ୍ରଥା ବିରୋଧରେ ତାଙ୍କର ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ମଧୁମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ହରେକୃଷ୍ଣ କୀର୍ତ୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

ସରୁନି ବାଇପାସ ରାସ୍ତା ମରାମତି ପୂର୍ତ୍ତବିଭାଗ ବାଇପାସ ରାସ୍ତାରେ ଯନ୍ତ୍ରଣା

ଖଣ୍ଡପଡ଼ା, ୨୨/୧୧ (ନିପ୍ର): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ବ୍ଲକ ଛକ ଠାରୁ ଖଲିସାହିକୁ ସଂଯୋଗ କରୁଥିବା ବାଇପାସ ରାସ୍ତା ନିର୍ମାଣରେ ବିଳମ୍ବ ଯୋଗୁଁ ଜନଅସନ୍ତୋଷ ସୃଷ୍ଟି ହୋଇଛି। ଗତ ପ୍ରାୟ ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ରାସ୍ତା ମରାମତି କାର୍ଯ୍ୟ ନ ସରିବା ଯୋଗୁଁ ବ୍ୟାପକ ଜନ ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ କେବେ କାମ ଶେଷ ହେବ ସେ ବାବଦରେ ସୂଚନା ନଥିବା ଜଣାପଡିଛି। ମିଳିଥିବା ଅଭିଯୋଗ ଅନୁଯାୟୀ ଖଣ୍ଡପଡ଼ା ସହରାଞ୍ଚଳ ବ୍ଲକ ଛକ ନିକଟରୁ ଖଲିସାହି ସଂଯୋଗ କରୁଥିବା ବାଇପାସ ରାସ୍ତାର ୩ ବର୍ଷ ତଳେ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ବର୍ଷ ତଳେ ନିମ୍ନମାନର କାମ ଯୋଗୁଁ ପ୍ରଥମେ ପିଚୁ ଉଠି ଯାଇଥିବା ବେଳେ ରାସ୍ତା ସଂଲଗ୍ନ ଅଞ

dishamanthan.com RNI No. ORIORIV2

ବାତ୍ୟା ପାଇଁ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି

ଛେଣ୍ଡିପଦା(ମଟ୍ଟନ): ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅକାଓ୍ୱାନ ଜନିତ ବାତ୍ୟା ଯୋଗୁଁ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ବିଶେଷ କରି ଲଗାଣ ବର୍ଷା ଏବଂ ଝଡ଼ ତୋଫାନ ଯୋଗୁଁ ଅମଳ ଅବସ୍ଥାରେ ଥିବା ଧାନ ଫସଲ ସାଙ୍ଗକୁ ପନିପରିବା ଫସଲ ଆଦି ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ଫଳତଃ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଅନ୍ୟ ପକ୍ଷରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲ୍ଲା ପ୍ରଶାସନ ତଥା କୃଷି ବିଭାଗ ଓ ଉଦ୍ୟାନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ କ୍ଷୟକ୍ଷତି ଆକଳନ କରିବା ସହ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ରାଶି ପ୍ରଦାନ କରିବା ସହ ସରକାରୀ ସହାୟତା ମଞ୍ଜୁର କରିବା ପାଇଁ ବ୍ଲକ କୃଷକ ସଂଗଠନ ପକ୍ଷରୁ ଦୃଢ଼ ଦାବି ହେଉଛି ।

ଭାରତର ବିକାଶ ପାଇଁ ସରକାର ଓ ଶିଳ୍ପ ଜଗତ ଏକାଠି ହୁଅନ୍ତୁ: ଅନିଲ ଅଗ୍ରୱାଲ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀଙ୍କ ଭାରତର ବିକାଶ ଦୃଷ୍ଟିକୋଣକୁ ସଫଳ କରିବା ପାଇଁ ସରକାର ଓ ଶିଳ୍ପ ଜଗତ ମିଳିତ ଭାବେ କାମ କରିବା ଉଚିତ । ଏଥିସହ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ବ୍ୟାପକ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଛନ୍ତି ବେଦାନ୍ତ ଗ୍ରୁପ୍ ?ର ଅଧକ୍ଷ ଅନିଲ ଅଗ୍ରୱାଲ । ନିକଟରେ ଫିକି କାର୍ଯ୍ୟକ୍ରମରେ ଶିଳ୍ପ ଜଗତକୁ ପ୍ରଧାନମନ୍ତ୍ରୀ ଦେଇଥିବା ଉଦ୍ ?ବୋଧନ ଉପରେ ସେ ସୋସିଆଲ ମିଡିଆରେ ନିଜର ମତ ରଖିଛନ୍ତି ।

ସରକାରଙ୍କ ମାଲିକାନାରେ ଥିବା କମ୍ପାନିଗୁଡ଼ିକର ଅଧିକ ଘରୋଇକରଣ ପାଇଁ ଅଗ୍ରୱାଲ ପ୍ରସ୍ତାବ ଦେଇଛନ୍ତି । ପ୍ରାକୃତିକ ସମ୍ପଦ, ଶକ୍ତି, ଉତ୍ପାଦନ ଓ ଭାରୀ ଶିଳ୍ପ କ୍ଷେତ୍ରରେ ଏହି ଘରୋଇକରଣ କରାଯାଇପାରିବ । ଘରୋଇ କମ୍ପାନିଗୁଡ଼ିକର ପରିଚାଳନା ଦ୍ୱାରା ଉତ୍ପାଦକତା ବଢ଼ିବା ସହ ନିଯୁକ୍ତି ସୃଷ୍ଟି ହେବ ଏବଂ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମ୍ ?ଏସ୍ ?ଏମ୍ ?ଇ)ର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି ।

ତେବେ ଘରୋଇକରଣ ସମୟରେ ଦୁଇଟି ସର୍ତ ରଖିବାକୁ ସେ ପରାମର୍ଶ ଦେଇଛନ୍ତି । ପ୍ରଥମତଃ, କୌଣସି କର୍ମଚାରୀଙ୍କୁ ଚାକିରିରୁ ବାହାର କରାଯିବ ନାହିଁ ଏବଂ ଦ୍ୱିତୀୟତଃ, ନିଯୁକ୍ତି ସଂଖ୍ୟାକୁ ତିନିଗୁଣ ବଢ଼ାଇବାକୁ ପଡ଼ିବ । କମ୍ପାନିଗୁଡ଼ିକୁ କର୍ପୋରେଟ୍ ସଂସ୍ଥା ଅଧିଗ୍ରହଣ କରିବା ପରିବର୍ତ୍ତେ ସାଧାରଣ ଲୋକଙ୍କୁ ଅଂଶଧନ ବଂଟନ କରିବା ମଧ୍ୟ ଏକ ବିକଳ୍ପ ହୋଇପାରିବ । ଘରୋଇକରଣରୁ ମିଳୁଥିବା ଅର୍ଥକୁ ସରକାରୀ ଋଣ ହ୍ରାସ ଓ ଭିତ୍ତିଭୂମି ବିକାଶରେ ବିନିଯୋଗ କରାଯାଇପାରିବ । ପ୍ରଧାନମନ୍ତ୍ରୀଙ୍କ ବିଶ୍ୱାସ ଉପରେ ଗୁରୁତ୍ୱକୁ ଉଲ୍ଲେଖ କରି ଅଗ୍ରୱାଲ କହିଛନ୍ତି ଯେ ଦୀର୍ଘ ଅନୁମତି ପ୍ରକ୍ରିୟା ବଦଳରେ ସ୍ୱ-ପ୍ରମାଣିକରଣ ବ୍ୟବସ୍ଥା ଓ ସରଳ ନିୟମ ଲାଗୁ କରାଯିବା ଆବଶ୍ୟକ । ସରକାର କେବଳ ସ୍ପଷ୍ଟ ନିୟମ ପ୍ରସ୍ତୁତ କରିବା ସହ ଅଡିଟ୍ ? ମାଧ୍ୟମରେ ତାହାର ଅନୁପାଳନ ଯାଞ୍ଚ କରିବା ଉଚିତ । ଏହାଦ୍ୱାରା ବ୍ୟବସାୟ ଓ ନୂଆ ଶିଳ୍ପ ପ୍ରତିଷ୍ଠା କରିବା ସହଜ ହେବ ଏବଂ ସେଗୁଡ଼ିକ ଦ୍ରୁତ ଗତିରେ ଆଗକୁ ବଢ଼ିପାରିବେ ।

ଖଣିଜ ପଦାର୍ଥ, ଧାତୁ ଓ ହାଇଡ୍ରୋକାର୍ବନ୍ ? କ୍ଷେତ୍ରରେ ଅନୁସନ୍ଧାନ ବା ଏକ୍ସପ୍ଲୋରେସନ୍ ?କୁ ଯୁବ ଉଦ୍ୟୋଗୀ ଓ ଷ୍ଟାର୍ଟଅପ୍ ?ଗୁଡ଼ିକ ପାଇଁ ଏକ ବଡ଼ ସୁଯୋଗ ବୋଲି ସେ ଅଭିହିତ କରିଛନ୍ତି । ଏହି କ୍ଷେତ୍ରରେ କାମ କରୁଥିବା ଷ୍ଟାର୍ଟଅପ୍ ?ଗୁଡ଼ିକ ନିଜର ଆବିଷ୍କାର ବା ଖଣିଜ ସମ୍ପଦ ସନ୍ଧାନ ସମ୍ପର୍କିତ ତଥ୍ୟ ଓ ଅଧିକାରକୁ ଓଏନ୍ ?ଜିସି ଏବଂ ହିନ୍ଦୁସ୍ତାନ ଜିଙ୍କ୍ ? ଭଳି ବଡ଼ କମ୍ପାନିଙ୍କୁ ବିକ୍ରି କରିବାର ସୁଯୋଗ ପାଇବା ଉଚିତ । କାରଣ ଏହି କମ୍ପାନିଗୁଡ଼ିକର ବ୍ୟାପକ ଖଣି ଖନନ ଓ ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ ପୁଞ୍ଜି ନିବେଶ କରିବାର କ୍ଷମତା ରହିଛି । ଏଭଳି ବ୍ୟବସ୍ଥା ଦ୍ୱାରା ଶହ ଶହ ଷ୍ଟାର୍ଟଅପ୍ ? ସୃଷ୍ଟି ହେବା ସହ ଯୁବ ଉଦ୍ୟୋଗୀଙ୍କ ପାଇଁ ନୂଆ ସୁଯୋଗ ଖୋଲିବ । ଏଥିସହ ଦେଶର ନିଜସ୍ୱ ପ୍ରାକୃତିକ ସମ୍ପଦ ଓ ଖଣିଜ କ୍ଷେତ୍ରକୁ ମଧ୍ୟ ମଜଭୁତ କରାଯାଇପାରିବ । ନିଜର ମତ ଶେଷ କରି ଅଗ୍ରୱାଲ କହିଛନ୍ତି ଯେ ଘରୋଇକରଣ, ସ୍ୱ-ପ୍ରମାଣିକରଣ ଓ ଅନୁସନ୍ଧାନକୁ ନେଇ ଏକ ଜାତୀୟ ଆନ୍ଦୋଳନ ଭିତ୍ତିରେ ଗଠନ କରିବା ପାଇଁ ଶିଳ୍ପ ଜଗତ, ସରକାର ଓ ନାଗରିକମାନେ ଏକାଠି ହେବା ଆବଶ୍ୟକ । ଯେପରି 'ଜୟ ଯବାନ, ଜୟ କିଷାନ' ଆନ୍ଦୋଳନ ଦେଶକୁ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭର କରିବାରେ ସଫଳ ହୋଇଥିଲା, ସେହିପରି ଏକ ସାମୂହିକ ପ୍ରୟାସ ମାଧ୍ୟମରେ ଦେଶରେ ନିଯୁକ୍ତି ସୃଷ୍ଟି, ଲୋକଙ୍କ ଆୟ ବୃଦ୍ଧି ଓ ଭାରତୀୟ ଟଙ୍କାର ମୂଲ୍ୟକୁ ମଜଭୁତ କରାଯାଇପାରିବ ।

ରାଜ୍ୟ ସଭା ସାଂସଦଙ୍କ ଗସ୍ତକୁ ନେଇ ରାଜନୈତିକ ସରଗରମ

ରାଜଗାଙ୍ଗପୁର, ୨୨।୧୧(ନି.ପ୍ର୍ରା): ରାଜ୍ୟ ସଭା ସାଂସଦ ଶ୍ରୀ ଦିଲିପ ରାୟଙ୍କ ଆଜି ସକାଳ ୧୧ ଘଟିକା ସମୟରେ ରାଜଗାଙ୍ଗପୁର ଅଭିମୁଖେ ପ୍ରସ୍ଥରଗଡ଼ ପଟୁ ବିଜୁ ରାଜ୍ୟ ରାଜପଥ ଜାମପାଲି ବାଇପାସ୍ ଠାରେ ପହଞ୍ଚିଥିଲେ ସେଠାରେ ରାଜ୍ୟ ସଭା ସାଂସଦ ଙ୍କ ବିଧାନସଭା ପ୍ରତିନିଧି ଅଶୋକ ଦାସ ଙ୍କ ନେତୃତ୍ୱରେ ୨୦୦ ରୁ ଅଧିକ ଜନସାଧାରଣ ପାଛୋଟି ଆଣି ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇ ସହର ର ଯୁବ ନେତା ସନ୍ଦିପ ଦାସ ଙ୍କ ତତ୍ତ୍ୱାବଧାନରେ ମଟର ସାଇକେଲ ରେଲି ରେ ଲିପଲୋଇ ଜଗନ୍ନାଥ ମନ୍ଦିର ରେ ମହାପ୍ରଭୁ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଶ୍ରୀ ଦିଲିପ ରାୟ ଦର୍ଶନ କରି ସମସ୍ତ ଙ୍କ ମଙ୍ଗଳ କାମନା କରିଥିଲେ ଏହି ଅବସରରେ ସ୍ଥାନୀୟ କିଛି ସମସ୍ୟା କୁ ନେଇ ଉପସ୍ଥିତ ଜନସାଧାରଣ ମାନ୍ୟବର ସାଂସଦ ଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ପାଇଁ ବିଶେଷ ରୂପରେ ଆଲୋଚନା ପାଇଁ ସହମତି ପ୍ରକାଶ କରି ମହିଳା କଲେଜ ନିକଟରେ ଥିବା ଭାରତ ବର୍ଷର ବିଶିଷ୍ଟ ଶିଳ୍ପପତି ତଥା ସାଂସଦ ଙ୍କ ଆର ଏସ ପି ପ୍ରତିନିଧି ଶ୍ରୀ ନିମିଶ ଗଡୋଦିଆ ଙ୍କ ବାସଭବନରେ ତାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିବା ସୂଚନା ମିଳିଛି । ଉକ୍ତ କାର୍ଯ୍ୟକ୍ରମରେ ସୁରେଶ ଦାସ ଜାଫର ମୋବିନ, ନୀଳଚକ୍ର ଶାଖା ସଭାପତି ତଥା ପୂର୍ବତନ ନଗରପାଳ ଶସି ରେଖା ସାମଲଙ୍କ ସହ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

ଜିଲ୍ଲାପାଳଙ୍କ ତାଳଚେର ପୌରାଞ୍ଚଳ ଗସ୍ତ; ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଅନୁଗୋଳ(ନିପ୍ର) : ଜିଲ୍ଲାପାଳ ଶ୍ରୀ ଅବ୍ ?ଦାଲ୍ ମୁହମ୍ମଦ୍ ଅଖ୍ ?ତର ଆଜି ତାଳଚେର ପୌରାଞ୍ଚଳ ଗସ୍ତ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ରସ୍ତରୀୟ ତଦାରଖ କରିଛନ୍ତି । ଏହି ଗସ୍ତ ସମୟରେ ତାଙ୍କ ସହ ତାଳଚେର ଉପ-ଜିଲ୍ଲାପାଳ ତଥା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରଜ୍ଞାନନ୍ଦନ ଗିରି ଉପସ୍ଥିତ ଥିଲେ । ସ୍ଥାନୀୟ



ଅଞ୍ଚଳର ବାସ୍ତବ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରକଳ୍ପଗୁଡ଼ିକର ସଠିକ୍ ଭାବରେ ଅନୁଧ୍ୟାନ କରି ଆବଶ୍ୟକତା ଭିତ୍ତିକ ପୁନର୍ବିନ୍ୟାସ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସହରରେ ଜଳ ନିଷ୍କାସନ ସମସ୍ୟା ଦୂର କରିବା ପାଇଁ ସଠିକ୍ ଡ୍ରେନେଜ୍ ଭିତ୍ତିଭୂମି ନିର୍ମାଣ ସହ ନିର୍ମାଣ ଓ ଭଙ୍ଗାରୁଜା ଜନିତ ଆବର୍ଜନା ଗୁଡ଼ିକୁ ଠିକ୍ ସମୟରେ ସ୍ଥାନାନ୍ତର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

କଳାକାର ପକ୍ଷରୁ ବୋଇତ ବନ୍ଦାଣ ମହୋତ୍ସବ ଉଦଘାଟିତ

ଅନୁଗୋଳ(ମଟ୍ଟନ): ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ପରମ୍ପରା ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ 'କଳାକାର' ପକ୍ଷରୁ ୪୧ତମ ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦ୍ ?ଘାଟିତ ହୋଇଯାଇଛି । ସ୍ଥାନୀୟ ସଭାଘରଠାରେ ଆୟୋଜିତ ଏହି ମହୋତ୍ସବର ଉଦ୍ ?ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ ଛ ସେହିପରି ସମ୍ମାନିତ ଅତିଥି ଭାବେ ଅନୁଗୋଳ ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଓ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଯୋଗଦେଇ ଥିଲେ ।



ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ କଳାକାରଙ୍କ ଦ୍ୱାରା ଆୟୋଜିତ ଏହି ମହୋତ୍ସବକୁ ପ୍ରଶଂସା କରିଥିଲେ ।

ପ୍ରତିଭା ସୃଷ୍ଟି କରିବାରେ କଳାକାର ମଞ୍ଚ ପ୍ରଦାନ କରୁଛି । କଳାକାର ପରିବାରର ଜଣେ ସଦସ୍ୟ ହୋଇ ସବୁ କାମରେ ସହଯୋଗର ହାତ ବଢେଇବାକୁ ଉଦ୍ୟମ କରିବି ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଶ୍ରୀ ସାହୁ କଳାକାର ତା'ର ନାମକୁ ବଜାୟ ରଖିଛି ଓ ବହୁ ଲୁକ୍କାୟିତ ପ୍ରତିଭାକୁ ଆଗକୁ ଆଣିବାକୁ ଅନବରତ ଚେଷ୍ଟା କରିଚାଲିଛି ବୋଲି କହିଥିଲେ । ଏହି ଅବସରରେ କଳା ଓ ସଂସ୍କୃତି କ୍ଷେତ୍ରରେ ନିଜର ଅବଦାନ ପାଇଁ ତିନିଜଣ ବିଶିଷ୍ଟ ଗୁରୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ତବଲା ଗୁରୁ ଅଜୟ କୁମାର ଚୌଧୁରୀ ଏବଂ ଓଡ଼ିଶୀ ନୃତ୍ୟଗୁରୁ ପ୍ରଶାନ୍ତ କୁମାର ବେହେରାଙ୍କୁ ଅତିଥିମାନେ ସମ୍ମାନିତ ଆଦି କରିଥିଲେ । ମହୋତ୍ସବ ଅବସରରେ ଆଜି ଆୟୋଜିତ ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତାରେ ଝୋଟି, ଓଡ଼ିଶୀ ନୃତ୍ୟ, ତାଳବାଦ୍ୟ, କିବୋର୍ଡ ଓ ଦଳଗତ ଲୋକନୃତ୍ୟ ବିଭାଗରେ ପ୍ରତିଯୋଗୀମାନେ ନିଜ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତା ମାଧ୍ୟମରେ ନୂତନ ପ୍ରତିଭାଙ୍କୁ ମଞ୍ଚ ପ୍ରଦାନ ସହ ଓଡ଼ିଆ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୀରେନ୍ଦ୍ର ପ୍ରଧାନ, ସମ୍ପାଦକ ବିଦେଶୀ ନାୟକ ଓ ମୁଖ୍ୟ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । ବରିଷ୍ଠ ସଦସ୍ୟ ବୈରାଗୀ ଚରଣ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକାରୀ ସଭାପତି ଜୟନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ ।

ସରକାରୀ ଜମି ଜବରଦଖଲ ବିରୋଧରେ କଠୋର ଏନଫୋର୍ସମେଣ୍ଟ ଅଭିଯାନ

ରାୟଗଡ଼, ୨୨।୧୧(ନି.ପ୍ର.): ରାୟଗଡ଼ ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସରକାରୀ ଜମିର ବେଆଇନ ଜବରଦଖଲ ଓ ଅନଧିକୃତ ଦଖଲ ବିରୋଧରେ କଠୋର ଏନଫୋର୍ସମେଣ୍ଟ ଅଭିଯାନ ଜାରି ରହିଛି । ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି ଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ସୁଶ୍ରୀ ମୃଣାଳିକା ରାଠୋଡ଼ ଏବଂ ଅତିରିକ୍ତ ନିର୍ବାହୀ ଅଧିକାରୀ, ରାୟଗଡ଼ ପୌରପରିଷଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅଭିଯାନ ପରିଚାଳିତ ହେଉଛି ।

ସହରର ମୁଖ୍ୟ ରାସ୍ତା, ରାସ୍ତାପାର୍ଶ୍ୱ, ଫୁଟପାଥ, ସର୍ବସାଧାରଣ ସ୍ଥାନ ଏବଂ ଓଭରବ୍ରିଜ୍ ତଳେ ଥିବା ସରକାରୀ ଜମିକୁ ବ୍ୟବସାୟିକ କାର୍ଯ୍ୟକଳାପ, ସାମଗ୍ରୀ ଗଚ୍ଛିତ ରଖିବା କିମ୍ବା ଅନ୍ୟ କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟରେ ବେଆଇନ ଭାବେ ଦଖଲ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ।

ଏହି ଏନଫୋର୍ସମେଣ୍ଟ ଅଭିଯାନ ବିଶେଷ ଭାବେ ନିମ୍ନଲିଖିତ ଅଞ୍ଚଳ ଓ ରାସ୍ତାଗୁଡ଼ିକରେ ଜୋରଦାର କରାଯାଉଛି । ୧. କପିଳାସ ଛକରୁ ରିଲାଏନ୍ସ ମାର୍ଟ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା । ୨. ସାରକା ଛକରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା । ୩. ହସ୍ପିଟାଲ୍ ପାର୍ଶ୍ୱବର୍ତ୍ତୀ ରାସ୍ତା ଓ ଅଞ୍ଚଳ । ୪. ମୁଖ୍ୟ ବଜାରର ମଧ୍ୟଭାଗ ରାସ୍ତା ଓଭରବ୍ରିଜ୍ ତଳେ ଥିବା ସମସ୍ତ ସରକାରୀ ଖାଲି ସ୍ଥାନ । ୫. ସହରର ଅନ୍ୟାନ୍ୟ ସମସ୍ତ ପ୍ରମୁଖ ରାସ୍ତା, ଛକ ଓ ସର୍ବସାଧାରଣ ସ୍ଥାନ ।

ବିଶେଷ ଭାବେ ଓଭରବ୍ରିଜ୍ ତଳେ ଥିବା ଖାଲି ସରକାରୀ ସ୍ଥାନକୁ ଅନଧିକୃତ ଭାବେ ଦଖଲ କରି



ରଖିଥିବା ବ୍ୟକ୍ତି, ଦୋକାନୀ ଓ ବ୍ୟବସାୟୀମାନଙ୍କୁ ତୁରନ୍ତ ସେହି ସ୍ଥାନ ଖାଲି କରିବା ସହ ନିଜ ନିଜର ସମସ୍ତ ସାମଗ୍ରୀ ଓ ଜିନିଷପତ୍ର ହଟାଇ ନେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଉଛି ।

ପୌରପରିଷଦ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଉଛି ଯେ, ସରକାରୀ ଜମି, ରାସ୍ତାପାର୍ଶ୍ୱ, ଫୁଟପାଥ୍ ଏବଂ ଓଭରବ୍ରିଜ୍ ତଳେ କୌଣସି ପ୍ରକାରର ବେଆଇନ ଜବରଦଖଲ କିମ୍ବା ଅନଧିକୃତ ବ୍ୟବସାୟକୁ ଆଣ୍ଠୁ ବରଦାସ୍ତ କରାଯିବ ନାହିଁ । ନିର୍ଦ୍ଦେଶକୁ ଅବମାନନା କରି ଦଖଲ ଜାରି ରଖିଲେ କୌଣସି ପ୍ରକାର ରିହାତି ଦିଆଯିବ ନାହିଁ । ଜବରଦଖଲ ଉଚ୍ଛେଦ ସହିତ ପ୍ରଚଳିତ ନିୟମ ଅନୁଯାୟୀ ଭାରୀ ଜରିମାନା ଆଦାୟ ଏବଂ ଆବଶ୍ୟକୀୟ ଆଇନଗତ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରୀ ଜମିର ସୁରକ୍ଷା, ରାସ୍ତା ଓ ଫୁଟପାଥ୍ ?କୁ ଜବରଦଖଲମୁକ୍ତ କରିବା, ଯାତାୟାତକୁ ସୁଗମ କରିବା ଏବଂ ସହରରେ ଶୃଙ୍ଖଳିତ ପରିବେଶ ସୃଷ୍ଟି କରିବା ।

ଅତଏବ, ସମସ୍ତ ଦୋକାନୀ, ବ୍ୟବସାୟୀ ଓ ସାଧାରଣ ଜନସାଧାରଣଙ୍କୁ ନିଜ ନିଜର ଅନଧିକୃତ ଜବରଦଖଲ ତୁରନ୍ତ ହଟାଇବା ଏବଂ ଭବିଷ୍ୟତରେ ସରକାରୀ ଜମି ଦଖଲ ନକରିବାକୁ ଦୃଢ଼ ଭାବରେ ଚେତାବନୀ ଦିଆଯାଉଛି । ପୌରପରିଷଦର ଏହି ଜନହିତକର ପଦକ୍ଷେପକୁ ସମସ୍ତେ ସହଯୋଗ କରନ୍ତୁ ।

ସରକାରୀ ଜମି ଜବରଦଖଲକୁ ପ୍ରଶ୍ରୟ ନାହିଁ । ରାସ୍ତା ଓ ଫୁଟପାଥ୍ ଜନସାଧାରଣଙ୍କ ପାଇଁ, ବ୍ୟକ୍ତିଗତ ବ୍ୟବସାୟ ପାଇଁ ନୁହେଁ । ନିୟମ ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ।

ଶ୍ରୀ ଗୋବର୍ଦ୍ଧନ ଗୋ ସେବା ନିଳୟରେ ଗୋପାଷ୍ଟମୀ ପାଳିତ

କୁକୁଡାଖଣ୍ଡି ୨୨/୧୧: କୁକୁଡାଖଣ୍ଡି ବ୍ଲକ ଲାଞ୍ଜିଆ ପଞ୍ଚାୟତ ଅନ୍ତର୍ଗତ ଭଗବାନପୁର ସ୍ଥିତ ଶ୍ରୀ ଗୋବର୍ଦ୍ଧନ ଗୋ ସେବା ନିଳୟ ଠାରେ ପବିତ୍ର ଗୋପାଷ୍ଟମୀ ପାଳିତ ହୋଇଯାଇଛି । ପ୍ରାତଃ ବିଧି ପୂର୍ବକ ଗୋମାତା ମାନଙ୍କୁ ସ୍ନାନ, ନୂତନ ବସ୍ତ୍ର ସହ ଚନ୍ଦନ, ହଳଦୀ, ସିନ୍ଦୁର, କୁଙ୍କୁମ ରେ ସଜ୍ଜିତ କରାଯାଇଥିଲା ଏବଂ ପୁରୋହିତ ଙ୍କ ଦ୍ୱାରା ଗୋ ପୂଜନ, ଆରତୀ, ଗ୍ରାସ ଓ ପ୍ରଦୀକ୍ଷିଣ କରାଯାଇଥିଲା ।

କାର୍ଯ୍ୟକ୍ରମ ରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହନ୍ତ ଚିନ୍ମୟା ନନ୍ଦ ମହାରାଜ,କୁକୁଡାଖଣ୍ଡି ସାଂସଦ ପ୍ରତନିଧି ସନ୍ତୋଷ ଚୌଧୁରୀ, ଏ. ନନ୍ଦ କିଶୋର, ରଜତ ବିଷୋୟୀ, ଗୋବିନ୍ଦ ବିଷୋୟୀ ପ୍ରମୁଖ ଯୋଗଦେଇ ଥିଲେ । ଅତିଥି ମାନଙ୍କ ଦ୍ୱାରା ଅନୁଷ୍ଠାନ ତରଫରୁ ଗୋ ମାତାଙ୍କ ଜୀବନ ବ୍ୟାପି ସେବା ନିମନ୍ତେ ଦକ୍ଷିଣପୁର ପ୍ରାଣୀ ଧନ ନିରୀକ୍ଷକ ଶ୍ରୀ ମନୋଜ କୁମାର ଜେନାଙ୍କୁ ଗୋ ସେବା ରତ୍ନ ସଂମ୍ମାନ ରେ ସଂମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ନଳିନୀକାନ୍ତ ପରିଡା, ସାଗର କୁମାର ପାତ୍ର, ଧର୍ମରାଜ ପାତ୍ର,ଶ୍ରୀକାନ୍ତ ମହାନ୍ତି, ଜିତେନ୍ଦ୍ର ପଣ୍ଡା,ରଞ୍ଜନ ବେହେରା, ବିଜେନ୍ଦ୍ର ମାଝୀ,ପି. ଅରବିନ୍ଦ ଦେଶୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।



ସାମ୍ବାଦିକଙ୍କ ଭାତୃ ବିୟୋଗ

ପାରାଦୀପ, ୨୧/୧୧ – ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ରତ୍ନାକର ଜେନା ଙ୍କ ବଡ ଭାଇ ସୁରେନ୍ଦ୍ର ନାଥ ଜେନା (୯୨)ଙ୍କ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଦିନ ପରଲୋକ ଗମନ କରିଛନ୍ତି । ସେ ଜଣେ ପରୋପକାରୀ, ସ୍ୱଷ୍ଟବାଦୀ, ଦରଦୀ ମଣିଷ ଭାବେ ଯେତିକି ନାଁ କାମେଥିଲେ କ୍ରାନ୍ତିକାରୀ ବିଜେପି ନେତା ଭାବେ ସ୍ୱତନ୍ତ୍ରତା ବଜାଇ ରଖିଥିଲେ । ତ୍ୟୁ ସମୟରେ ପୁଅ ବିଭୁ, ଝିଅ ସ୍ୱର୍ଣ୍ଣ ଓ ଜ୍ୟୋତିର୍ମୟୀ ଙ୍କ ସମେତ ବହୁ